# ବଜାର ବ୍ୟବସ୍ଥା ସୁଦୃଢକୁ ନେଇ ଗୁରୁତ୍ୱ

■ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିନିଯୋଗରେ ବିକାଶ ପ୍ରକଳ୍ପର ସମୀକ୍ଷା

ନବରଙ୍ଗପୁର, ୮।୨(ବି.ପ୍ର)

ଭୁବନେଶ୍ୱରସ୍ଥିତ ଖଣିଜ ଓ ବସ୍ତୁ ବିଜ୍ଞାନ ସଂସ୍ଥାନ (ଆଇଏମଏମଟି) ପରିସରରେ ବିଜ୍ଞାନ ଓ ପ୍ରଯୁକ୍ତି ବିଜ୍ଞାନ ବିନିଯୋଗରେ ନବରଙ୍ଗପୁର ଜିଲାର ଆର୍ଥିକ ଓ ସାମାଜିକ ଉନ୍ନୟନ ପ୍ରକଳ୍ପର ମଧ୍ୟବର୍ତ୍ତୀକାଳୀନ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। କୃଷି ଓ କୃଷକ ସଶକ୍ତିକରଣ ଶାସନ ସଚିବ ଡଃ ସୌରଭ ଗର୍ଗ ଏବଂ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଅଧିକାରୀ ନବରଙ୍ଗପୁର ଜିଲାରେ ଚାଲିଥିବା ଏହି ପ୍ରକଳ୍ପର ବାସ୍ତବିକ ରୂପାୟନର ବିଭିନ୍ନ ଦିଗ ସମ୍ପର୍କରେ ସମୀକ୍ଷା କରିଥିଲେ । ଏହି ପ୍ରକଳ୍ପର ପ୍ରୋଗାମ କୋର୍ଡିନେଟର ମୁଖ୍ୟବୈଜ୍ଞାନିକ ସନ୍ତୋଷ କୁମାର ମିଶ୍ର ୧୨ଟି ଗବେଷଣା ସଂସ୍ଥାର କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ବିଶେଷକରି ଗ୍ରାମାଞ୍ଚଳରେ ସ୍ୱୟଂ ସହାୟକ ଦଳକୁ ସାମିଲ କରିବା ସହ ଉଦ୍ୟୋଗୀ ଯୁବକମାନଙ୍କୁ ଋଣ ପ୍ରଦାନ ଦିଗରେ ଗୁରୁତ୍ୱ ଦିଆଯାଇଥିଲା। ପ୍ରତ୍ୟେକ ଗବେଷଣା ସଂସ୍ଥା ବଜାର ବ୍ୟବସ୍ଥାକୁ ସୁଦୃଢ କରିବା ସହ ଉଦ୍ୟୋଗ ଯୁବତୀଯୁବକଙ୍କୁ କର୍ମସଂସ୍ଥାନ ଯୋଗାଇ ଦେବା ଉପରେ ଡଃ ସୌରଭ ଗର୍ଗ ପ୍ରାଧାନ୍ୟ ଦେଇଥିଲେ। ଜିଲାର ଚନ୍ଦାହାଣ୍ଡି, ଝରିଗାଁ ଏବଂ ଅନ୍ୟ ବ୍ଲକରେ ଗବେଷଣା ସଂସ୍ଥାର କାର୍ଯ୍ୟକ୍ଷେତ୍ରକୁ ସାମିଲ କରିବା ସହ ସଫଳ ରୂପାୟନ ପାଇଁ ଜିଲାପାଳ ଅଜିତ କୁମାର ମିଶ୍ର ପରାମର୍ଶ ଦେଇଥିଲେ। ସମସ୍ତ ୧୨ଟି ଗବେଷଣା ସଂସ୍ଥାର ବୈଜ୍ଞାନିକଙ୍କ ପ୍ରଚେଷ୍ଟାରେ ନବରଙ୍ଗପୁର ଜିଲାରେ ଏକ ନୂତନ ବିକାଶଧାରା ସୃଷ୍ଟି ହୋଇପାରିବ ବୋଲି ଆଇଏମଏମଟି ନିର୍ଦ୍ଦେଶକ ଡଃ ସୁଧାସ୍ୱତ ବସୁ ମତବ୍ୟକ୍ତ କରିଥିଲେ। ଏହି ସମୀକ୍ଷା ବୈଠକରେ କୃଷି ଓ କୃଷକ ସଶକ୍ତୀକରଣ ଅତିରିକ୍ତ ସଚିବ ମନ୍ମଥ ପାଣି ସହ କୃଷି ଓ ଉଦ୍ୟାନ କୃଷି ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ। ୧୨ଟି ଗବେଷଣା ସଂସ୍ଥାର ବୈଜ୍ଞାନିକ ନିଜ ନିଜର ବାସ୍ତବିକ କାର୍ଯ୍ୟ ସମ୍ପର୍କରେ ଏହି ବୈଠକରେ ଉପସ୍ଥାପନ କରିଥିଲେ ।



ବୈଠକରେ କୃଷି ଓ କୃଷକ ସଶକ୍ତୀକରଣ ଶାସନ ସଚିବ ଡଃ ସୌରଭ ଗର୍ଗ, ଜିଲାପାଳ ଅଜିତ କୁମାର ମିଶ୍ର ଓ ଅନ୍ୟମାନେ।

## ସଂକ୍ଷେପରେ

### ସ୍କୁଲ ପାଚେରି ନିର୍ମାଣ ପାଇଁ ଦାବି



ପାରଳାଖେମୁଣ୍ଡି,୮।୨(ସ୍ୱ.ପ୍ର.): ଗଜପତି ଜିଲା ଆର୍. ଉଦୟଗିରି ବ୍ଲକ୍ ତବାରସିଂ ପଞ୍ଚାୟତ ଅଧୀନ ପଣସଡିହ ଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପାଚେରି ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ୧୯୫୯ ରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟକୁ ପ୍ରାୟ ୬୦ ବର୍ଷ ପୁରିଥିଲେ ମଧ ଏହି ବିଦ୍ୟାଳୟର ବିକାଶ ପାଇଁ ଦୃଷ୍ଟି ଦିଆଯାଉନାହିଁ ବୋଲି ଅଭିଯୋଗ ହୋଇଛି। ପାଚେରି ନ ଥିବା ଯୋଗୁ ବିଦ୍ୟାଳୟର ସୁରକ୍ଷା ନେଇ ମଧ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ବିଦ୍ୟାଳୟର ଉନ୍ନତୀକରଣ ସହ ସୁରକ୍ଷା ପାଚେରୀ ନିର୍ମାଣପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଦୁର୍ଘଟଣାରେ ଆହତ ଛାତ୍ରୀଙ୍କ ମୃତ୍ୟୁ

ଆସିକା,୮।୨(ଡି.ଏନ୍.ଏ.): ଗାଙ୍ଗପୁରଠାରୁ ପାଇଲିପଡା ରାସ୍ତାରେ ଶୁକ୍ରବାର ସକାଳେ ସାଇକେଲରେ ଟିଉଶନକୁ ଯିବାବେଳେ ବୋଲେରୋ ଧକ୍କାରେ ଗୁରୁତର ଆହତ ଛାତ୍ରୀଙ୍କ ଶନିବାର ମୃତ୍ୟୁ ଘଟିଛି। ସେ ଦିଗି ଗ୍ରାମର ଜ୍ୟୋତି ଗୌଡ଼ । ଜ୍ୟୋତି ଗୋବରା ମହିଳା ମହାବିଦ୍ୟାଳୟର ଛାତ୍ରୀ ଥିଲେ। ତାଙ୍କ ମୃତ୍ୟୁ ଖବର ପହଞ୍ଚିବା ପରେ ମହାବିଦ୍ୟାଳୟରେ ଦୁଇ ମିନଟ ନୀରବ ପ୍ରାର୍ଥନା କରାଯିବା ସହ ଏକ ଶୋକସଭା ଅନୁଷ୍ଠିତ ହୋଇଛି।

ପ୍ରକାଶ ଯେ, ଜ୍ୟୋତି ବୋଲେରୋ ଧକ୍କାରେ ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ଗୋବରା ଓ ପରେ ଭଞ୍ଜନଗର ଏବଂ ସେଠାରୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ଅଧିକ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାକୁ ପଠାଯାଇଥିଲା। ଶନିବାର ସକାଳେ କଟକ ବଡ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲେ ମଧ ଦୁର୍ଘଟଣା ଘଟାଇଥିବା ଗାଡି ଓ ଚାଳକଙ୍କୁ ପୋଲିସ ଅଟକ ରଖିଛି।

# ରାଷ୍ଟ୍ରୀୟ ଲୋକ ଅଦାଲତରେ ୮୧ ମାମଲା ଫଇସଲା

ନବରଙ୍ଗପୁର, ୮।୨(ବି.ପ)

ନବରଙ୍ଗପୁର ଜିଲା ଆଇନସେବା ପ୍ରାଧିକରଣ ତରଫରୁ ଶନିବାର ଜିଲା କୋର୍ଟ ପରିସରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ୨୦୨୦ ଅନୁଷ୍ଠିତ ହୋଇଯାଇଛି । ଜିଲାଜଜ ଅଶୋକ କୁମାର ପଣ୍ଡା ଅଧ୍ୟକ୍ଷତା କରି ୪ଟି ଏମଏସିଟି କେସ ଫଇସଲା କରି ୧୯, ୬୫,୦୦୦ଟଙ୍କା କ୍ଷତିପୂରଣ ଧାର୍ଯ୍ୟ କରିଛନ୍ତି। ପରିବାର ବିଚାର ବିଭାଗୀୟ ଜଜ ଶୋଭମ କୁମାର ଦାସ ୫ଟି ପରିବାର ଗଣ୍ଡଗୋଳ କେସରେ ଆପୋଷ ମିଳାମିଶା କରାଇଛନ୍ତି । ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଆର.କେ. ମହାପାତ୍ର ୪ଟି ବେଲର ମିସ୍‌କେସ ମକଦ୍ଦମାର ଫଇସଲା କରିଛନ୍ତି । ବରିଷ୍ଠ ଦେୱାନି ଜଜ ଏସ. ଶୁଭଲକ୍ଷ୍ମୀ ବ୍ୟାଙ୍କର ୩ଟି ମକଦ୍ଦମା ଫଇସଲା କରି ୧, ୯୮, ୬୫୫ ଟଙ୍କା ଋଣ ଆଦାୟ କରାଯାଇଛି। ସେହିଭଳି ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଅମିତ କୁମାର ବାରିକ ୩ଟି ଫୌଜଦାରି ମାମଲା ଓ ଗୋଟିଏ ଘରୋଇ ହିଂସା କେସରେ ଆପୋଷ ସମାଧାନ କରିଛନ୍ତି । ବ୍ୟାଙ୍କର ୩ଟି ପ୍ରାକ୍ ମକଦ୍ଦମା ଫଇସଲା କରାଯାଇ ଟ୧,୨୨, ୭୯୧ଋଣ ଆଦାୟ କରାଯାଇଛି । ମୋଟ ୮୧ଟି କୋର୍ଟ କେସର ଫଇସଲା କରାଯାଇଛି। ଏହି ଲୋକ ଅଦାଲତରେ ଅତିରିକ୍ତ ଜିଲାଜଜ ପ୍ରଣୟ କୁମାର ଦାସ, ରେଜିଷ୍ଟ୍ରର ମନୋରଞ୍ଜନ ଦାସ ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ବନଜା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଜିଲା ଆଇନସେବା ପ୍ରାଧିକରଣର ସମ୍ପାଦକ ପ୍ରସନ୍ନ କୁମାର ବେହେରା ଏହି ଲୋକ ଅଦାଲତ ପରିଚାଳନା କରିଥିବାବେଳେ କୋର୍ଟର ଆଇନଜୀବୀ ଓ କର୍ମଚାରୀ ସହଯୋଗ କରିଥିଲେ ।



ଲୋକ ଅଦାତଲରେ ମାମଲାର ଫଇସଲା କରାଯାଉଛି।

# ମଲା କୁକୁଡ଼ାକୁ ବିକୁଛନ୍ତି ବେପାରି



ପିକ୍ ଅପ୍ ଭ୍ୟାନରେ ଅଣାଯାଉଛି କୁକୁଡା ।

ଚନ୍ଦାହାଣ୍ଡି,୮।୨(ଡି.ଏନ.ଏ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକକୁ ବିଭିନ୍ନ ଆଡୁ ଆସୁଛି ବ୍ରଏଲର କୁକୁଡା। କିନ୍ତୁ ଅଣାଯିବା ବେଳେ କେତେକ କୁକୁଡାଙ୍କ ମୃତ୍ୟୁ ଘଟୁଥିଲେ ମଧ ଏହାକୁ କମ ମୂଲ୍ୟରେ ଦୋକାନୀଙ୍କୁ ବିକି ଦେଉଛନ୍ତି ବେପାରୀ। ଏହି କୁକୁଡା ମାଂସ ଖାଇ ଲୋକମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ରହିଛି। ବ୍ଲକରେ ପ୍ରତ୍ୟେକ ଦିନ ଶହେ କୁଇଣ୍ଟାଲରୁ ଅଧିକ ବ୍ରଏଲର କୁକୁଡା ମାଂସ ବିକ୍ରି କରାଯାଉଛି। ଦେଶୀ କୁକୁଡା ତୁଳନାରେ ଏହାର ଦର କମ ରହୁଥିବାରୁ ବିଭିନ୍ନ ଗାଁ ଗହଳିରେ ଏହାର ଚାହିଦା ଅଧିକ ରହିଛି। ଏହାର ସୁଯୋଗ ନେଇ ବିଭିନ୍ନ କୁକୁଡା ଫାର୍ମରୁ ବେପାରୀମାନେ ପିକଅପ ଭ୍ୟାନରେ କୁକୁଡା ଆଣି ଗାଁ ଗହଳି ତଥା ଚନ୍ଦାହାଣ୍ଡି ଟାଉନରେ ବିଭିନ୍ନ ମାଂସ ଦୋକାନରେ ଅଳ୍ପ ମୂଲ୍ୟରେ ବିକ୍ରି କରୁଛନ୍ତି। ସେହିପରି କିଛି ଦିନ ହେଲା ବାର୍ଡ ଫ୍ଲୁ ପାଇଁ ପଡୋଶୀ ଛତିଶଗଡରେ ମଧ ବ୍ରଏଲର କୁକୁଡା ବିକ୍ରି ଉପରେ ରୋକ ଲଗାଯାଇଛି। ସେଠାରୁ ମଧ କୁକୁଡା ଫାର୍ମ ମାଲିକମାନେ ଫାର୍ମରେ ଥିବା କୁକୁଡାକୁ ପିକଅପ ଭ୍ୟାନରେ ଚନ୍ଦାହାଣ୍ଡି ପଠାଇ ଦେଉଛନ୍ତି। ତେବେ ଏହାକୁ ଆଣିବା ସମୟରେ ଭ୍ୟାନ ଭିତରେ କିଛି କୁକୁଡା ମରି ଯାଉଛନ୍ତି । କିନ୍ତୁ ଏହାକୁ ଫିଙ୍ଗାଯାଉ ନାହିଁ କି ପୋତା ଯାଉ ନାହିଁ। ଭ୍ୟାନ ଭିତରେ ମରି ଯାଉଥିବା କୁକୁଡାକୁ କମ ମୂଲ୍ୟରେ ମାଂସ ଦୋକାନରେ ବିକ୍ରି କରି ଦିଆଯାଉଛି। ଏଥିପ୍ରତି ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଲୁଟେରା ଗିରଫ, ମୋବାଇଲ ଜବତ

ବ୍ରହ୍ମପୁର ଅଫିସ,୮।୨

ସରକାରୀ ରେଳବାଇ ପୋଲିସ (ଜିଆରପି) ଜଣେ ଲୁଟେରାଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ କୋଦଳା ଥାନା ଅନ୍ତର୍ଗତ ସାଙ୍କୁଡା ଗ୍ରାମର ସୁଶାନ୍ତ ମହାନ୍ତି (୨୬) ବୋଲି ପୋଲିସ କହିଛି। ସେ ଜଣେ ଟ୍ରେନ ଯାତ୍ରୀଙ୍କର ଲୁଟି ନେଇଥିବା ଏକ ମୋବାଇଲ ଫୋନ ପୋଲିସ ତାଙ୍କଠାରୁ ଜବତ କରିଛି। ମାମଲା ନଂ.୨୧/୨୦ରେ ଅଭିଯୁକ୍ତ ସୁଶାନ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି। ଆବେଦନକାରୀଙ୍କୁ ତାଙ୍କ ମୋବାଇଲ ହସ୍ତାନ୍ତର କରାଯାଇଥିବା ନେଇ ଥାନାଧିକାରୀ ସୁକାନ୍ତ ଭୋଇ ସୂଚନା ଦେଇଛନ୍ତି। ଘଟଣାରୁ ପ୍ରକାଶ ବଡଗଡ ଥାନା ଅନ୍ତର୍ଗତ ସିଦ୍ଧିପୁର ଗ୍ରାମର ଦେବାଶିଷ ନାୟକ ମୁମ୍ବାଇର ଏକ ଘରୋଇ ସଂସ୍ଥାରେ କାମ କରନ୍ତି। ସେ କୋଣାର୍କ ଏକ୍ସପ୍ରେସ ଟ୍ରେନ ଯୋଗେ ବିଳମ୍ବିତ ରାତ୍ର ବ୍ରହ୍ମପୁର ରେଳଷ୍ଟେସନରେ ପହଞ୍ଚିଥିଲେ। ରାତ୍ର ଗ୍ରାମକୁ ଯିବାକୁ ବସ ନଥିବାରୁ ସେ ଷ୍ଟେସନ ଟିକେଟ କାଉଣ୍ଟରରେ ବିଶ୍ରାମ ନେଇଥିଲେ। ବଡିଭୋର ପ୍ରାୟ ୪ଟା ବେଳେ ଜଣେ ଲୁଟେରା ତାଙ୍କ ପେଣ୍ଟ ପକେଟରୁ ମୋବାଇଲଟି ଧରି ଚମ୍ପଟ ମାରିଥିଲେ। ହଠାତ ଦେବାଶିଷଙ୍କ ନିଦ ଭାଙ୍ଗିଯିବାରୁ ସେ ଚିତ୍କାର କରିଥିଲେ। ସେଠାରେ ପେଟ୍ରୋଲିଂ କରୁଥିବା ଆରପିଏଫ ଓ ଜିଆରପି ପୋଲିସ ଉକ୍ତ ଲୁଟେରାଙ୍କୁ କାବୁ କରି ଥାନାକୁ ଆଣିଥିଲା।

# ଡ୍ରେନ ଉପରୁ ଜବଦଖଲ ଉଚ୍ଛେଦ

ଭଞ୍ଜନଗର,୮।୨(ଡି.ଏନ.ଏ)

ଭଞ୍ଜନଗର ଏନଏସି ପକ୍ଷରୁ ଶନିବାର କାମଲା ରୋଡ଼ରେ ଥିବା ଡ୍ରେନ ଉପରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଉଚ୍ଛେଦ ସମୟରେ କେତେଜଣ ଆପତ୍ତି କରିଥିବାରୁ ବିବାଦ ଦେଖାଦେଇଥିଲା। ପରେ ଏନ୍ଏସି ପକ୍ଷରୁ ସେମାନଙ୍କୁ ବୁଝାଶୁଝା କରାଯିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା । ସହରର ଅଧିକାଂଶ ଅଞ୍ଚଳରେ ଲୋକେ ଡ୍ରେନ ଉପରେ ଜବରଦଖଲ କରି ରଖିଥିବାରୁ ମଇଳା ପାଣି ଠିକ୍ ଭାବେ ଯାଇ ନ ପାରି ରାସ୍ତାରେ ଭାସୁଥିଲା। ତେଣୁ ଉଚ୍ଛେଦ କରାଯାଇଥିଲା ।

# ଜିଲା ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ବୈଠକ

ପାରଳାଖେମୁଣ୍ଡି,୮।୨(ସ୍ୱ.ପ୍ର.)

ଗଜପତି ଜିଲା ବିଜେଡିର ସାଂସ୍କୃତିକ ସମନ୍ୱୟ ସାମୁଖ୍ୟ ବୈଠକ ଶନିବାର ପାରଳାଖେମୁଣ୍ଡି ସର୍କିଟ୍ ହାଉସ୍ ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟ ସାଂସ୍କୃତିକ ସମନ୍ୱୟ ସାମୁଖ୍ୟର ସଭ୍ୟ ଡ. ଜୀବନ ଚନ୍ଦ୍ର ଦୀକ୍ଷୀତ୍ ମୁଖ୍ୟ ଅତିଥି ଏବଂ ଜିଲା ସାଂସ୍କୃତିକ ଅଧିକାରୀ ରବୀଚନ୍ଦ୍ର ନାୟକ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଜିଲା ସଂଯୋଜକ ତନୁଜା ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥିମାନେ କହିଥିଲେ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ କୋଣ ଅନୁକୋଣରେ ଲୁଚି ରହିଥିବା ପ୍ରତିଭାଙ୍କ ନିକଟରେ ସମସ୍ତ ଯୋଜନା ପହଞ୍ଚାଇବା ସହ ସହ କଳାକାର ଏବଂ ସରକାରଙ୍କ ମଧ୍ୟରେ ସେତୁ ଭଳି କାର୍ଯ୍ୟକରିବେ। ଏହାର ଅଧିକ ପ୍ରଚାର ପ୍ରସାର ପାଇଁ ପଞ୍ଚାୟତ ଓ ୱାର୍ଡସ୍ତରୀୟ ସଂଯୋଜକ ଚୟନ କରି ତୃଣମୂଳସ୍ତରରେ କଳାକାରମାନଙ୍କୁ ବିଭିନ୍ନ ଯୋଜନାରେ ସାମିଲ୍ କରିବାପାଇଁ ଏଥିରେ ଆହ୍ୱାନ ଦିଆଯାଇଥିଲା। ବାସ୍ତବ କ୍ଷେତ୍ରରେ ସମସ୍ତ ନୀତି ନିୟମ ପାଳନ କରିବାପାଇଁ ସମସ୍ତଙ୍କୁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକ୍ ସଂଯୋଜକମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ଲକ୍ ସଂଯୋଜକମାନେ।

# ପିଲାଙ୍କ ଶୈକ୍ଷିକ ବିକାଶ ଦିଗରେ ବ୍ରତୀ ହେବାକୁ ପରାମର୍ଶ

## ପ୍ରଧାନଶିକ୍ଷକଙ୍କ ସମ୍ମିଳନୀ

ନବରଙ୍ଗପୁର,୮।୨(ବି.ପ୍ର)

ସ୍ଥାନୀୟ ମିଶନ ଶକ୍ତି ହଲରେ ନବରଙ୍ଗପୁର ବ୍ଲକ ଓ ପୌରାଞ୍ଚଳସ୍ତରୀୟ ପ୍ରଧାନଶିକ୍ଷକଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଅତିରିକ୍ତ ଜିଲାପାଳ ନିମାଇ ଚରଣ ସୁତାର, ସାନମସିଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ପ୍ରଭାକର ଦାଶ, ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ, ଓଡିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଯୋଗ ଦେଇଥିଲେ।ଏହି ସମ୍ମିଳନୀରେ ବିଧାୟକ ଏବଂ ଅତିରିକ୍ତ ଜିଲାପାଳ ଶିକ୍ଷକମାନଙ୍କ ବୃତ୍ତି ଏକ ମହାନ ବୃତ୍ତି ବୋଲି ବିବେଚିତ କରି ପିଲାମାନଙ୍କ ଶୈକ୍ଷିକ ବିକାଶ ଦିଗରେ ବ୍ରତୀ ହେବା ପାଇଁ ପରାମର୍ଶ ଦେଇଥିଲେ। ଜାତୀୟ କୃମି ଦିବସ ଅବସରରେ କିପରି ଶତପ୍ରତିଶତ ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ଭାବେ କୃମିନାଶକ ବଟିକା ସେବନ କରାଯାଇପାରିବ ଡା. ପ୍ରଭାକର ଦାଶ ପରାମର୍ଶ ଦେଇଥିଲେ। ସମ୍ମିଳନୀରେ ୨ୟ ଅଧିବେଶନରେ ଶିକ୍ଷଣ ଅଭିବୃଦ୍ଧି କାର୍ଯ୍ୟକ୍ରମ, ତଥା ଗୁଣାତ୍ମକ ଶିକ୍ଷାର ବିଭିନ୍ନ ସୂଚନ ଯେପରି ଶୌଚାଳୟର ବ୍ୟବହାର, କମ୍ପ୍ୟୁଟର ଶିକ୍ଷା, ମଧ୍ୟାହ୍ନ ଭୋଜନ ସୁପରିଚାଳନା, ବିଭିନ୍ନ ପ୍ରକାର ଶିକ୍ଷାବୃତ୍ତି, ମୋ ସ୍କୁଲ ଅଭିଯାନ ବିଦ୍ୟାଳୟକୁ ପ୍ରଦାନ କରାଯାଉଥିବା ବିଭିନ୍ନ ଅନୁଦାନ ଓ ତାହାର ସୁବିନିଯୋଗ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ନବରଙ୍ଗପୁର ଗୋଷ୍ଠୀ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସହକାରୀ ଗୋଷ୍ଠୀଧିକାରୀ ପୁଷ୍ପାଞ୍ଜଳୀ ମହାନ୍ତି, ଜଗବନ୍ଧୁ ସୌରା ତଥା ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସହଯୋଗ କରିଥିଲେ।




ସମ୍ମିଳନୀରେ ବିଧାୟକ ଓ ଅନ୍ୟମାନେ।


## ଉତ୍କଳ ଗ୍ରାମୀଣ ବ୍ୟାଙ୍କ

ଆଞ୍ଚଳିକ କାର୍ଯ୍ୟାଳୟ, ବାହାଦୁରବଗିଚାପଡା, ଭବାନୀପାଟଣା, ଜି- କଳାହାଣ୍ଡି

**ସ୍ଥାବର ସମ୍ପତ୍ତିର ଦଖଲ ନୋଟିସ (ରୁଲ-୮(୧))**

ନିମ୍ନ ସ୍ୱାକ୍ଷରକାରୀ **ଉତ୍କଳ ଗ୍ରାମୀଣ ବ୍ୟାଙ୍କ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନସିଆଲ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟେରେଷ୍ଟ ଆକ୍ଟ-୨୦୦୨ ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟେରେଷ୍ଟ (ଏନଫୋର୍ସମେଣ୍ଟ) ରୁଲସ୍-୨୦୦୨ ର ରୁଲ ୮ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣ ଗ୍ରହୀତା (ମାନେ) ଏବଂ ଜାମିନଦାରମାନଙ୍କୁ ଡିମାଣ୍ଡ ନୋଟିସ ଜାରିକରି ସେମାନଙ୍କୁ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ରାଶି ନୋଟିସ ତାରିଖ ଠାରୁ ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣ ଗ୍ରହୀତାମାନେ ସେମାନଙ୍କର ବକେୟା ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଏହି ନୋଟିସ ମାଧ୍ୟମରେ ବିଶେଷକରି ଋଣ ଗ୍ରହୀତା ଓ ଜାମିନଦାର ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩ (୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗକରି ନିମ୍ନଲିଖିତ ସମ୍ପତ୍ତିକୁ ସାରଣୀରେ ପ୍ରଦତ୍ତ ତାରିଖରେ ଦଖଲକୁ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦଦ୍ୱାରା ସତର୍କ କରାଇଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ତଥା ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଉତ୍କଳ ଗ୍ରାମୀଣ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।**ଏତତ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ ।**

| ଋଣଗ୍ରହୀତା ମାନଙ୍କ ନାମ ଓ ଠିକଣା ଏବଂ ଆକାଉଣ୍ଟ ନମ୍ବର | ଦଖଲକୁ ନିଆଯାଇଥିବା ବନ୍ଧକ ସମ୍ପତ୍ତିର ବିବରଣୀ | ଦଖଲ ନୋଟିସ ଅନୁଯାୟୀ ବକେୟା ଦେୟ | ନୋଟିସ ତାରିଖ ଧାରା ୧୩ (୨) / ୧୩ (୪) |
|---|---|---|---|
| **ଜୁନାଗଡ ଶାଖା** | | | |
| ଆକାଉଣ୍ଟ ନଂ. ୧୨୧୭୧୦୨୭୩୭୧ (ଏଚବିଏଲ) ଋଣଗ୍ରହିତା- ଅଜିତ କୁମାର ମେହେର, ପି- କିଶୋର ଚନ୍ଦ୍ର ମେହେର, ନି- ତାଲବନ୍ଧପଡା ଏସବିଆଇ ପଛ, ପୋ- ଜୁନାଗଡ, ଜି- କଳାହାଣ୍ଡି, ପିନ୍- ୭୬୬୦୧୪ | ଅଜିତ କୁମାର ମେହେରଙ୍କ ନାମରେ ଥିବା ସଂମ୍ପତ୍ତି ଯାହାକି ମୌଜା ଜୁନାଗଡ, ଜି- କଳାହାଣ୍ଡି, ପ୍ଲଟ ନଂ. ୧୩୩୧, ଖାତା ନଂ.- ୧୪୫, କ୍ଷେତ୍ର. ଏ. ୦.୧୧ ଡି., କିସମ- ଘରବାରି, | ଟ.୬,୯୩,୭୦୩ (ଛଅ ଲକ୍ଷ ତେୟାନବେ ହଜାର ସାତ ଶହ ତିନି ଟଙ୍କା ) ମାତ୍ର ତା.୧୫.୦୧.୨୦୨୦ ପର୍ଯ୍ୟନ୍ତ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ | ୦୮.୦୮.୨୦୧୮ / ୦୧.୦୨.୨୦୧୯ |
| ଆକାଉଣ୍ଟ ନଂ. ୧୨୧୭୧୦୨୭୭୮୯ (ଏଚବିଏଲ) ଋଣଗ୍ରହିତା- ରଞ୍ଜିତ ତ୍ରିପାଠୀ ,(ପୂର୍ବତନ) ରାଜେଶ୍ୱରୀ ତ୍ରିପାଠୀ, ପି- ବିଶେଶ୍ୱର ତ୍ରିପାଠୀ , ନି- ସାନତୁମେରବାହାଲ, ପୋ- କାଳୀଗାଁ, ଜି- କଳାହାଣ୍ଡି, ପିନ୍- ୭୬୬୦୧୪ | ରାଜେଶ୍ୱରୀ ତ୍ରିପାଠୀ ଙ୍କ ନାମରେ ଥିବା ସଂମ୍ପତ୍ତି ଯାହାକି ମୌଜା ଜୁନାଗଡ, ଜି- କଳାହାଣ୍ଡି, ପ୍ଲଟ ନଂ. ୫୨୮, ଖାତା ନଂ.- ୬୯, କ୍ଷେତ୍ର. ଏ. ୧.୧୦ ଡି., କିସମ- ଘରବାରି, | ଟ.୫,୩୪,୦୪୦ (ପାଞ୍ଚ ଲକ୍ଷ ଚଉତିରିଶ ହଜାର ୪୦ ଟଙ୍କା ) ମାତ୍ର ତା.୧୫.୦୧.୨୦୨୦ ପର୍ଯ୍ୟନ୍ତ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ | ୦୬.୦୯.୨୦୧୮ / ୨୪.୦୪.୨୦୧୯ |
| ଆକାଉଣ୍ଟ ନଂ. ୧୨୧୭୧୦୦୨୨୪୩ (କ୍ୟାସ କ୍ରେଡିଟ୍) ଋଣଗ୍ରହିତା- ଏମଏସ୍ ଭିକି ମୋଟର୍ସ , ପ୍ରୋ- ଅଶୋକ କୁମାର ପଣ୍ଡା, ପି- ନିତ୍ୟାନନ୍ଦ ପଣ୍ଡା , ନି/ପୋ- ଜୁନାଗୋଡ, ଜି- କଳାହାଣ୍ଡି, ପିନ୍- ୭୬୬୦୧୪ | ସୁମିତ୍ରା ପଣ୍ଡା ଓ ଅଶୋକ କୁମାର ପଣ୍ଡାଙ୍କ ନାମରେ ଥିବା ସଂମ୍ପତ୍ତି ଯାହାକି ମୌଜା- ଆରବେଡା , ଜି- କଳାହାଣ୍ଡି, ପ୍ଲଟ ନଂ. ୫୫୧, ଖାତା ନଂ.-୩୮ , କ୍ଷେତ୍ର. ଏ. ୦.୦୫ ଡି., କିସମ- ଘରବାରି, ମୌଜା- ଆରବେଡା , ଜି- କଳାହାଣ୍ଡି, ପ୍ଲଟ ନଂ. ୫୫୨, ଖାତା ନଂ.-୩୮ , କ୍ଷେତ୍ର. ଏ. ୦.୦୭ ଡି., କିସମ- ଘରବାରି, ମୌଜା- ଆରବେଡା , ଜି- କଳାହାଣ୍ଡି, ପ୍ଲଟ ନଂ. ୬୫୪, ଖାତା ନଂ.-୩୮ , କ୍ଷେତ୍ର. ଏ. ୨.୯୮ ଡି., କିସମ- ବାହାଲପାଣି, ମୌଜା- ଆରବେଡା , ଜି- କଳାହାଣ୍ଡି, ପ୍ଲଟ ନଂ. ୬୫୫, ଖାତା ନଂ.- ୩୮ , କ୍ଷେତ୍ର. ଏ. ୦.୫୩ ଡି., କିସମ- ବାହାଲ ମାମୁଲି, ମୌଜା- ଆରବେଡା , ଜି- କଳାହାଣ୍ଡି, ପ୍ଲଟ ନଂ. ୬୫୬, ଖାତା ନଂ.-୩୮ , କ୍ଷେତ୍ର. ଏ. ୦.୮୪ ଡି., କିସମ- ବାହାଲମାମୁଲି, ମୌଜା- ଆରବେଡା , ଜି- କଳାହାଣ୍ଡି, ପ୍ଲଟ ନଂ. ୬୫୭, ଖାତା ନଂ.-୩୮ , କ୍ଷେତ୍ର. ଏ. ୦.୨୨ ଡି., କିସମ- ଘରବାରି, ମୌଜା- ଆରବେଡା , ଜି- କଳାହାଣ୍ଡି, ପ୍ଲଟ ନଂ. ୬୫୮ , ଖାତା ନଂ.-୩୮ , କ୍ଷେତ୍ର. ଏ. ୦.୮୭ ଡି., କିସମ- ଆଟଖରି, | ଟ.୮,୨୭,୦୧୨ (ଆଠ ଲକ୍ଷ ସତେଇଶ ହଜାର ବାର ଟଙ୍କା ) ମାତ୍ର ତା.୧୫.୦୧.୨୦୨୦ ପର୍ଯ୍ୟନ୍ତ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ | ୧୭.୦୧.୨୦୧୯ / ୨୪.୦୪.୨୦୧୯ |
| **କେସିଙ୍ଗା ଶାଖା** | | | |
| ଆକାଉଣ୍ଟ ନଂ. ୮୪୦୧୦୦୯୦୩୨୮ (ଏଚବିଏଲ) ଋଣଗ୍ରହିତା- ନମଶ୍ୟ ସାହା ଏବଂ ମଧୁସୂଦନ ସାହା, ପି- ଭଗବାନ ସାହା, ନି/ପୋ- ବୋରିଙ୍ଗପଦର, ଜି- କଳାହାଣ୍ଡି, ପିନ୍- ୭୬୬୦୧୪ | ଭଗବାନ ସାହା ଙ୍କ ନାମରେ ଥିବା ସଂମ୍ପତ୍ତି ଯାହାକି ମୌଜା- ବୋରିଙ୍ଗପଦର, ଜି- କଳାହାଣ୍ଡି, ପ୍ଲଟ ନଂ. ୧୮୧୭, ଖାତା ନଂ.- ୨୨୫, କ୍ଷେତ୍ର. ଏ. ୦.୦୮ ଡି., କିସମ- ଘରବାରି-୨, ମୌଜା- ବୋରିଙ୍ଗପଦର, ଜି- କଳାହାଣ୍ଡି, ପ୍ଲଟ ନଂ. ୧୮୨୦, ଖାତା ନଂ.- ୨୨୫, କ୍ଷେତ୍ର. ଏ. ୦.୦୨ ଡି., କିସମ- ଘରବାରି-୨,ମୌଜା- ବୋରିଙ୍ଗପଦର, ଜି- କଳାହାଣ୍ଡି, ପ୍ଲଟ ନଂ. ୧୮୨୨, ଖାତା ନଂ.- ୨୨୫, କ୍ଷେତ୍ର. ଏ. ୦.୦୧ ଡି., କିସମ- ଘରବାରି-୨, ମୌଜା- ବୋରିଙ୍ଗପଦର, ଜି- କଳାହାଣ୍ଡି, ପ୍ଲଟ ନଂ. ୧୮୩୫, ଖାତା ନଂ.- ୨୨୫, କ୍ଷେତ୍ର. ଏ. ୦.୦୧ ଡି., କିସମ- ଘରବାରି-୨, ମୌଜା- ବୋରିଙ୍ଗପଦର, ଜି- କଳାହାଣ୍ଡି, ପ୍ଲଟ ନଂ. ୧୮୩୭, ଖାତା ନଂ.- ୨୨୫, କ୍ଷେତ୍ର. ଏ. ୦.୦୨ ଡି., କିସମ- ଘରବାରି-୨, ମୌଜା- ବୋରିଙ୍ଗପଦର, ଜି- କଳାହାଣ୍ଡି, ପ୍ଲଟ ନଂ. ୧୮୪୦, ଖାତା ନଂ.- ୨୨୫, କ୍ଷେତ୍ର. ଏ. ୦.୦୧ ଡି., କିସମ- ଘରବାରି-୨, | ଟ.୮,୪୬, ୦୨୪ (ଆଡ ଲକ୍ଷ ଛୟାଳିଶ ହଜାର ଚୋବିଶ ଟଙ୍କା ) ମାତ୍ର ତା.୧୫.୦୧.୨୦୨୦ ପର୍ଯ୍ୟନ୍ତ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ | ୨୦.୦୬.୨୦୧୮ / ୧୫.୧୧.୨୦୧୯ |
| **ଭବାନିପାଟଣା ଶାଖା** | | | |
| ଆକାଉଣ୍ଟ ନଂ. ୧୨୧୬୮୦୩୫୭୦୬ (ରାଇସ ମିଲିଂ ଟିଏଲ) ଋଣଗ୍ରହିତା- ମାଁ ଡୋକରି ରାଇସମିଲ୍, ପ୍ରୋ- ରୀନା ବିଶ୍ୱାଳ, ସ୍ୱା- ସରୋଜ ପ୍ରଧାନ, ନି- ସୁହାଗପୁର, ପୋ- ଦେପୁର, ଜି- କଳାହାଣ୍ଡି, ପିନ୍- ୭୬୬୦୦୧ | ରୀନା ବିଶ୍ୱାଳ ଙ୍କ ନାମରେ ଥିବା ସଂମ୍ପତ୍ତି ଯାହାକି ମୌଜା- ସୁହାଗପୁର , ଜି- କଳାହାଣ୍ଡି, ପ୍ଲଟ ନଂ. ୨୦୫, ଖାତା ନଂ.- ୧୯, କ୍ଷେତ୍ର. ଏ. ୦.୦୫ ଡି., କିସମ- ଘରବାରି, ମୌଜା- ସୁହାଗପୁର , ଜି- କଳାହାଣ୍ଡି, ପ୍ଲଟ ନଂ. ୨୦୭, ଖାତା ନଂ.- ୧୯, କ୍ଷେତ୍ର. ଏ. ୦.୦୪ ଡି., କିସମ- ଘରବାରି, ମୌଜା- ସୁହାଗପୁର , ଜି- କଳାହାଣ୍ଡି, ପ୍ଲଟ ନଂ. ୨୧୦, ଖାତା ନଂ.- ୧୯, କ୍ଷେତ୍ର. ଏ. ୦.୪୪ ଡି., କିସମ- ଘରବାରି, | ଟ.୧୨,୦୩, ୮୬୭ (ବାର ଲକ୍ଷ ତିନି ହଜାର ଆଠ ଶହ ଷଠଶଠି ଟଙ୍କା ) ମାତ୍ର ତା.୧୫.୦୧.୨୦୨୦ ପର୍ଯ୍ୟନ୍ତ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ | ୦୯.୦୮.୨୦୧୮ / ୦୧.୦୨.୨୦୧୯ |
| ଆକାଉଣ୍ଟ ନଂ. ୮୪୦୦୮୮୮୬୦୫ (ଏଚବିଏଲ) ଋଣଗ୍ରହିତା- ଆଣ୍ଡ୍ରିଆ ଦୀପ ଓ ପ୍ରେମଲତା ଦୀପ, ପିତା ଏବଂ ସ୍ୱା- ଦୟା ଦୀପ, ନି- ଜଗନ୍ନାଥପୁର, ପୋ- ମେଦିନିପୁର, ଜି- କଳାହାଣ୍ଡି, ପିନ୍- ୭୬୬୦୦୧ | ପ୍ରେମଲତା ଦୀପଙ୍କ ନାମରେ ଥିବା ସଂମ୍ପତ୍ତି ଯାହାକି ମୌଜା- ଜଗନ୍ନାଥପୁର , ଜି- କଳାହାଣ୍ଡି, ପ୍ଲଟ ନଂ. ୬୫୨/୭୩୦, ଖାତା ନଂ.- ୧୫୯/୭୯, କ୍ଷେତ୍ର. ଏ. ୦.୦୫ ଡି., କିସମ- ଘରବାରି, | ଟ.୪,୨୯, ୧୦୮ (ଚାରି ଲକ୍ଷ ଅଣତିରିଶ ହଜାର ଏକ ଶହ ଆଠ ଟଙ୍କା ) ମାତ୍ର ତା.୧୫.୦୧.୨୦୨୦ ପର୍ଯ୍ୟନ୍ତ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ | ୦୧.୦୭.୨୦୧୯ / ୧୫.୧୧.୨୦୧୯ |
| **ସିନ୍ଧିଗୁଡା ଶାଖା** | | | |
| ଆକାଉଣ୍ଟ ନଂ. ୧୨୩୨୯୦୪୨୨୪୭ (ଏଚବିଏଲ) ଋଣଗ୍ରହିତା- ମିହିର କୁମାର ବେନିଆ, ପି- ଅସାନନ୍ଦ ବେନିଆ, ନି/ ପୋ- ମଝିଗୁଡା , ଜି- ନବରଙ୍ଗପୁର, ପିନ୍- ୭୬୪୦୫୯ | ମିହିର କୁମାର ବେନିଆ ଙ୍କ ନାମରେ ଥିବା ସଂମ୍ପତ୍ତି ଯାହାକି ମୌଜା- ପୋଡାଲଗୁଡା , ଜି- ନବରଙ୍ଗପୁର, ପ୍ଲଟ ନଂ. ୮୦୧, ଖାତା ନଂ.- ୪୯୩, କ୍ଷେତ୍ର. ଏ. ୦.୨୧ ଡି., କିସମ- ଘରବାରି, | ଟ.୪,୬୯, ୫୭୫ (ଚାରି ଲକ୍ଷ ଅଣସ୍ତୋରି ହଜାର ପାଞ୍ଚ ଶହ ପଞ୍ଚସ୍ତରି ଟଙ୍କା ) ମାତ୍ର ତା.୧୫.୦୧.୨୦୨୦ ପର୍ଯ୍ୟନ୍ତ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ | ୦୪.୦୯.୨୦୧୯ / ୨୧.୧୨.୨୦୧୯ |
| **ନବରଙ୍ଗପୁର ଶାଖା** | | | |
| ଆକାଉଣ୍ଟ ନଂ. ୮୪୦୦୧୧୪୪୦୭୨ (ଏଚବିଏଲ) ଋଣଗ୍ରହିତା- ସିଏଚ ଭେଙ୍କଟରମଣ ପଟ୍ଟନାୟକ, ପି- ସ୍ୱର୍ଗତ ସିଏଚ ସତ୍ୟନାରାୟଣ ପଟ୍ଟନାୟକ, ନି- ମଙ୍ଗରାଜ ଷ୍ଟ୍ରିଟ୍, ପୋ/ ଜି- ନବରଙ୍ଗପୁର, ପିନ୍- ୭୬୪୦୫୯ | ଚନ୍ଦ୍ର ଭେଙ୍କଟ ରମଣ ପଟ୍ଟନାୟକ ଙ୍କ ନାମରେ ଥିବା ସଂମ୍ପତ୍ତି ଯାହାକି ମୌଜା- ସଦାଶିବପୁର , ଜି- ନବରଙ୍ଗପୁର, ପ୍ଲଟ ନଂ. ୧୧୯୩, ଖାତା ନଂ.- ୭୮୫, କ୍ଷେତ୍ର. ଏ. ୦.୩୪ ଡି., କିସମ- ଘରବାରି, | ଟ.୨,୫୩, ୧୦୯ (ଦୁଇ ଲକ୍ଷ ତେପନ ହଜାର ଏକଶହ ନଅ ଟଙ୍କା ) ମାତ୍ର ତା.୧୫.୦୧.୨୦୨୦ ପର୍ଯ୍ୟନ୍ତ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ | ୧୬.୦୧.୨୦୧୯ / ୦୮.୦୮.୨୦୧୯ |
| ଆକାଉଣ୍ଟ ନଂ. ୮୪୦୧୯୮୭୧୮୨୫ (କ୍ୟାସ କ୍ରେଡିଟ୍) ଋଣଗ୍ରହିତା- ମୁସକାନ୍ ଷ୍ଟିଲ ଇଣ୍ଡଷ୍ଟ୍ରିଜ୍ ,ପୋ- ମହମ୍ମଦ ସାଫିକ୍ କ୍ୟୁରେସି, ପି- ମହମ୍ମଦ ରଜାକ୍ କ୍ୟୁରେସି, ନି- ପଠାଣ ଷ୍ଟ୍ରିଟ୍, ପୋ/ ଜି- ନବରଙ୍ଗପୁର, ପିନ୍- ୭୬୪୦୫୯ | ମହମ୍ମଦ ସାଫିକ୍ କ୍ୟୁରେସିଙ୍କ ନାମରେ ଥିବା ସଂମ୍ପତ୍ତି ଯାହାକି ମୌଜା- ନବରଙ୍ଗପୁର , ଜି- ନବରଙ୍ଗପୁର, ପ୍ଲଟ ନଂ. ୮୪୧, ଖାତା ନଂ.-୩୩୯୫, କ୍ଷେତ୍ର. ଏ. ୦.୧୮ ଡି., କିସମ- ଘରବାରି, | ଟ.୩,୪୫, ୦୭୩ (ତିନି ଲକ୍ଷ ପଇଁଚାଳିଶ ହଜାର ତେସ୍ତରି ଟଙ୍କା ) ମାତ୍ର ତା.୧୫.୦୧.୨୦୨୦ ପର୍ଯ୍ୟନ୍ତ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ | ୨୬.୦୩.୨୦୧୯ / ୦୮.୦୮.୨୦୧୯ |

ତା: ୦୭.୦୨.୨୦୨୦
ସ୍ଥାନ-ଭବାନିପାଟଣା

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ, ଭବାନିପାଟଣା



ମନୁଷ୍ୟ ଯାହା ଚିନ୍ତା କରୁଥାଏ, ତା'ର ଚିନ୍ତାଧାରା ସେହି ଅନୁସାରେ ପ୍ରବାହିତ ହୁଏ।
- ବାକନ



## ସଂକ୍ଷେପରେ



### ଛାତ୍ରୀଙ୍କ ଆତ୍ମରକ୍ଷା ଶିବିର

**ଗୁଣପୁର,୮।୨(ଡି.ଏନ.ଏ):** ରାୟଗଡା ଜିଲା ରାମନାଗୁଡା ବ୍ଲକ ଦ୍ରୌପଦୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କୁ ନେଇ ଏକ ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ସୁରେନ୍ଦ୍ର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବାସହ ଏହାର ଆବଶ୍ୟକତା ଉପରେ କହିଥିଲେ । କାର୍ଯ୍ୟକ୍ରମ ସଂଯୋଜିକାଙ୍କ ସହ ଅନ୍ୟ ଅଧ୍ୟାପିକା ଅଧ୍ୟାପକ ଯୋଗ ଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପ୍ରଶିକ୍ଷିକା ବିମଳା ଜେନା ୫୭ ଜଣ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୧୭ ତାରିଖରେ ଉଦ୍‌ଯାପିତ ହେବ ।

### ମୋଟର କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ



**ରାୟଗଡ଼ା ଅଫିସ, ୨।୮:** ମୋଟର କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ କପିଳାସ ରୋଡ଼ରେ ଥିବା ନିଜସ୍ୱ କାର୍ଯ୍ୟାଳୟରେ ଶନିବାର ପାଳିତ ହୋଇଯାଇଛି । ଶ୍ରମିକମାନଙ୍କ ପାଇଁ ବୀମା ଏବଂ ଲେବର କାର୍ଡ଼ କିପରି ମିଳିପାରିବ ସେନେଇ ଆଲୋଚନା ହୋଇଥିଲା । ଏହି ଅବସରରେ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ସୁନୀଲ କର ସଭାପତି, ଏମ. ରାମଣା ଉପସଭାପତି, ୱାଇ. ରାମ୍ବାମୂର୍ତ୍ତୀ ସମ୍ପାଦକ, ଆଲାମ ଶିବା କୋଷାଧକ୍ଷ ଭାବେ ମନୋନୀତ ହୋଇଛନ୍ତି । ସଭାପତି ସୁନୀଲ କରଙ୍କ ନେତୃତ୍ୱରେ ପତାକା ଉତ୍ତୋଳନ କରାଯିବା ସହ ଆନ୍ତର୍ଜାତିକ ଶ୍ରମିକ ସଙ୍ଗୀତ ଗାନ କରାଯାଇଥିଲା । ଶ୍ରମିକମାନଙ୍କ ଉନ୍ନତି ପାଇଁ ୨୦ ଜଣିଆ ଏକ କମିଟି ଗଠନ କରାଯାଇଛି ।

### ବିଜେଡିକୁ ଫେରିଲେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା

**ଗୁଣପୁର,୮।୨(ଡି.ଏନ.ଏ):** ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ସୁଜାତା ମୁଚ୍ଛିକା ଶନିବାର ବିଜେଡିକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ରାମନାଗୁଡାଠାରେ ବିଜେଡି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସୁଜାତା ବିଜେଡିରେ ଯୋଗ ଦେଇଛନ୍ତି । ଏହି ଅବସରରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର ଦାସଙ୍କ ସମେତ ରାମନାଗୁଡା ଏବଂ ଅନ୍ୟାନ୍ୟ ଅଞ୍ଚଳର ବରିଷ୍ଠ ନେତାଙ୍କ ଉପସ୍ଥିତିରେ ସୁଜାତା ବିଜେଡିରେ ଯୋଗ ଦେଇଥିଲେ । ସୂଚନାଯୋଗ୍ୟ, ସୁଜାତା ଜିଲା ନେତୃତ୍ୱ ପ୍ରତି ଅସନ୍ତୋଷ ପ୍ରକାଶ କରି ବିଜେଡି ଛାଡି ଭାଜପାରେ ଯୋଗ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ନିତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ପୁଣି ଥରେ ବିଜେଡିକୁ ଫେରିଥିବା କହିଛନ୍ତି । ସୁଜାତା ଗତ ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ବିଜେଡିର ଜିଲା ପରିଷଦ ଅଧ୍ୟକ୍ଷା ଥିଲେ। ଜିଲା ନେତୃତ୍ୱଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବା ପରେ ସେ ଦଳରେ ଥାଇ ମଧ୍ୟ କଣ ଠେସା ହୋଇ ରହିଥିଲେ । ସେ ଗତ ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡି ଛାଡି ଭାଜପାରେ ଯୋଗ ଦେଇଥିଲେ ।

### ପୁରସ୍କାର ବିତରଣ ଉତ୍ସବ

**ରାୟଗଡ଼ା ଅଫିସ,୨।୮:** ରାୟଗଡ଼ା ଗୋବିନ୍ଦଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଅନୁସୂଚିତ ଜାତି ଓ ଜନଜାତି ସଂଖ୍ୟାଲଘୁ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପାଠ ସହ ନିଜ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ବିକାଶ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ । ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ,ଉପ ଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ , ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା , ମୋ ସ୍କୁଲ ଅଭିଯାନ ସଭାପତି ରାଜେଶ ପାଢ଼ୀ ସମ୍ମାନିତ ଅତିଥି, ଲେଖକ ଡ଼ମ୍ବୁରୁଧର ପଟ୍ଟନାୟକ , ପ୍ରଧାନ ଶିକ୍ଷକ ଶଶିଭୂଷଣ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାର ୨୦୦ ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

# ବରିଷ୍ଠ ନାଗରିକ ସମାଜର ଦିଗ୍‌ଦର୍ଶକ

**ରାୟଗଡ଼ା ଅଫିସ,୮।୨**



ବରିଷ୍ଠ ନାଗରିକ ମଙ୍ଗଳ ସଂଘ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

ରାୟଗଡ଼ା ଜିଲା ବରିଷ୍ଠ ନାଗରିକ ମଙ୍ଗଳ ସଂଘର ୪ ର୍ଥ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସଂଘ ଉପଦେଷ୍ଟା ନରସିଂହ ନାଥ ପାଢ଼ୀ ସଂଘ ପରିସରରେ ପତାକା ଉତ୍ତୋଳନ କରି ଉଦ୍‌ବୋଧନ କରିଥିଲେ । ପରେ ସଭ୍ୟମାନେ ସହର ପରିକ୍ରମା କରି ଲୋକଙ୍କୁ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ । ପିତା ମାତା ଭଗବାନ ସମାନ , ବରିଷ୍ଠ ନାଗରିକ ଅଲୋଡ଼ା ନୁହନ୍ତି , ଧନ ଜୀବନ ସୁରକ୍ଷାର ବାର୍ତ୍ତା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲାପାଳ ପ୍ରମୋଦ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା ଅତ୍ୟନ୍ତ ଜରୁରୀ । ଏମାନେ ସମାଜର ଦିଗ ଦର୍ଶକ ବୋଲି କହିଥିଲେ । ବରିଷ୍ଠ ନାଗରିକ ଏନ.ଏନ ପାଢ଼ୀ, ସଭାପତି ବିନୋଦ ପଣ୍ଡା ଅତିଥି ଭାବେ ମଞ୍ଚାସୀନ ଥିଲେ । ସଂଘ ସମ୍ପାଦକ ଦେବେନ୍ଦ୍ର ନାଥ ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ଇମ୍ପାର ଉପ ସଭାପତି କେ.ବି ରାଓଙ୍କୁ ମଞ୍ଚ ପକ୍ଷରୁ ସମ୍ମାନିତ କରାଯାଇଥିଲା । ସଭାପତି ବିନୋଦ ପଣ୍ଡା ବରିଷ୍ଠ ନାଗରିକମାନଙ୍କ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହା ବ୍ୟତୀତ ବରିଷ୍ଠ ନାଗରିକମାନଙ୍କ ମଙ୍ଗଳ ସକାଶେ ଗଠିତ ଯୁଗ୍ମ କମିଟି ସଂଘର ସଭାପତି ଭାବେ ବିନୋଦ ପଣ୍ଡାଙ୍କୁ ମନୋନୀତ କରାଯାଇଥିଲା । ଶେଷରେ ବଳରାମ ଚୌଧୁରୀ ଧନ୍ୟବାଦ ଦେଇଥିଲେ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବେକାରେ ବେକା**
**ସିଏ କେଉଁ ପୁରୁଷରେ ଲେଖା**
**ତାକୁ କହ ସିଏ ପ୍ରମାଣ ଦେଉ**
**ସିଏ କାହା ପାଦକୁ ଲେଖା ।**

ସାଧାରଣତଃ ମଣିଷ କେତେ ଦକ୍ଷ ବା ଯୋଗ୍ୟ ତାହା ତାଙ୍କ କାର୍ଯ୍ୟଶୈଳୀରୁ ହିଁ ଜଣାପଡ଼ିଥାଏ । ତେବେ କ୍ଷମତାଶାଳୀ ହୋଇ ନ ଥିବା ବା ଦକ୍ଷତା ନ ଥିବା ବ୍ୟକ୍ତି ଅନ୍ୟ ଆଗରେ ନିଜର ଆତ୍ମବଡ଼ିମା ଦେଖାଇ ବସିଲେ ପରିହାସର ପାତ୍ର ହେବା ସାର ହୋଇଥାଏ । ନିଜର ବୃଥା ବଡ଼ିମା ପ୍ରତିପାଦନ କରିବାକୁ ଯାଇ ଅପଦସ୍ଥ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ବଳଦ ଠକ ତରେ**
**ମଣିଷ ଠକ ମରେ ।**

ବଳଦ ଠାପୁଆ ହେଲେ ରକ୍ଷା ପାଇବାର ସମ୍ଭାବନା ଥାଏ । ପରନ୍ତୁ ମଣିଷ କାମ ଦାମ ନ କରି ବସି ରହିଲେ ବା ଠାପୁଆ ହେଲେ ନିଷ୍କର୍ମା ଯୋଗୁ ରୋଗଗ୍ରସ୍ତ ହୋଇଯାଏ ବୋଲି ଏଠାରେ ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଓକିଲଙ୍କ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

**ରାୟଗଡ଼ା ଅଫିସ, ୮।୨**


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଆଇନ୍‌ଜୀବୀମାନେ ।

ଜିଲା ସିଭିଲ କୋର୍ଟ ପରିସରରେ ଥିବା କନଫରେନ୍ସ ହଲ ପରିସରରେ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ପେନାଲ ଓକିଲମାନଙ୍କ ଦକ୍ଷତା ବିକାଶ ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାୟଗଡ଼ା ସମେତ ଅନ୍ୟ ତାଲୁକା ଯଥା ଗୁଣୁପୁର , ବିଷମକଟକ ଏବଂ କାଶୀପୁରରେ ଥିବା ପେନାଲ ଓକିଲମାନେ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲା ଦୌରା ଜଜ୍ ତଥା ଆଇନ, ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାସ ସଭାପତିତ୍ୱ କରିଥିଲେ । ଏଥିରେ ପରିବାର ଅଦାଲତ ଜଜ୍ ଆଶିଷ କୁମାର ତ୍ରିପାଠୀ , ଅତିରିକ୍ତ ଜିଲା ଦୌରା ଜଜ୍ ଜ୍ଞାନେନ୍ଦ୍ର କୁମାର ବାରିକ, ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ମନୋରଞ୍ଜନ ମିଶ୍ର, ଅନୁବିଭାଗୀୟ ଦଣ୍ଡାଧିକାରୀ ରାଜେନ୍ଦ୍ର କୁମାର ଦାସ ତାଲିମ ପ୍ରଦାନ କରିଥିଲେ । ଜାତୀୟ ଆଇନ ସେବା ପ୍ରାଧିକରଣ ଦ୍ୱାରା ସ୍ଥିରୀକୃତ ହୋଇଥିବା ବିଭିନ୍ନ କାର୍ଯ୍ୟଧାରା ବିଷୟରେ ଆଲୋଚନା ହୋଇଥିଲା । ଏଥିରେ ୨୬ ଜଣ ଆଇନଜୀବୀ ତାଲିମ ନେଇଥିଲେ ।

## ଲୋକ ଅଦାଲତରେ ୪୩ ମାମଲା ଫଇସଲା

**ରାୟଗଡ଼ା ଅଫିସ,୮।୨**

ଜିଲା ଆଇନ ସେବା ପ୍ରାଧିକରଣ ତତ୍ତ୍ୱାବଧାନରେ ରାୟଗଡ଼ା ଜିଲା ସିଭିଲ କୋର୍ଟ ପରିସରରେ ଶନିବାର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏହି ଲୋକ ଅଦାଲତ ରେ ରାୟଗଡ଼ା ମୁଖ୍ୟ କୋର୍ଟ ସମେତ ଗୁଣୁପୁର, ବିଷମକଟକ, କାଶୀପୁରରେ ଦୀର୍ଘ ଦିନ ଧରି ପଡ଼ି ରହିଥିବା ୪୩ ଟି ମାମଲା ର ଫଇସଲା କରାଯାଇ ଜରିମାନା ବାବଦକୁ ୪୨,୭୫,୩୧୮ ଟଙ୍କା ଓ ବ୍ୟାଙ୍କ ପ୍ରିଲିଟିଗେଶନ ସମ୍ବନ୍ଧିତ ୭୫ ଟି ମାମଲାର ଫଇସଲା ହୋଇ ଜରିମାନା ବାବଦକୁ ୧୨,୩୪,୧୬୬ ଟଙ୍କା ଆଦାୟ କରାଯାଇଥିଲା । ଏଥିରେ ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ଆଶିଷ କୁମାର ତ୍ରିପାଠୀ, ରେଜିଷ୍ଟ୍ରର ପ୍ରତିମା ପାତ୍ର, ବରିଷ୍ଠ ଦେୱାନୀ ବିଚାରପତି ଶତରୂପା ଶତପଥୀ, ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ମନେନ ମିଶ୍ର, ଅନୁ ବିଭାଗୀୟ ଦଣ୍ଡାଧିକାରୀ ରାଜେନ୍ଦ୍ର କୁମାର ଦାସ, ନ୍ୟାୟାଧିକାରୀ ଗ୍ରାମ ନ୍ୟାୟାଳୟ ବୈଶାଳୀ ନାୟକ, ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ ଶୋଭନ କୁମାର ପଣ୍ଡା, ସୂର୍ଯ୍ୟ ନାରାୟଣ ମହାନ୍ତି ପ୍ରମୁଖଙ୍କ ସହଯୋଗରେ ବିଭିନ୍ନ ସମସ୍ୟାର ସମାଧାନ କରାଯାଇଥିଲା ।


ପିଲାମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି ।

## ପ୍ରଦର୍ଶିତ ହେଲା ୨୬ ପ୍ରକଳ୍ପ

**ଗୁଣପୁର,୮।୨(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ନ୍ୟୁ ଡ୍ରିମ ଇଣ୍ଡିଆ ସ୍କୁଲରେ ବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ୧ମରୁ ୫ମ ଶ୍ରେଣୀ ଛାତ୍ରୀଛାତ୍ର ଭାଗ ନେଇ ୨୬ଟି ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ । ଏଥିରେ ସର୍ଭି ମିଶ୍ର ଏବଂ ଶୁଭଶ୍ରୀ ମହାନ୍ତି ପ୍ରଥମ ହୋଇଥିବାବେଳେ କୌଶିକ କୁମାର ୨ୟ ଏବଂ ସୁଚିଶ୍ରିୟା ରଥ ୩ୟ ହୋଇଥିଲେ । ଡ. ଏଲ.ରାଜକୁମାର, ଅଂଶୁମାନ ନାୟକ, ସୀମାଞ୍ଚଳ ଆଚାର୍ଯ୍ୟ, ସରୋଜ କୁମାର ଦାସ ବିଚାରକ ଭାବେ ଯୋଗ ଦେଇଥିଲେ । ସ୍କୁଲର ପ୍ରଶାସନିକ ଅଧିକାରୀ ଅଶୋକ କର,ଭାଇସ ପ୍ରିନ୍ସିପାଲ କେ. ତେଜସ୍ୱିନିଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।


ମହିଳାମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି ।

# ପଞ୍ଚ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

**ବିଷମକଟକ,୮।୨(ଡ଼ି.ଏନ.ଏ)**

ସ୍ଥାନୀୟ ରାଧାକାନ୍ତ ମନ୍ଦିର ଯଜ୍ଞ ମଣ୍ଡପରେ ଶନିବାର ପଞ୍ଚକୁଣ୍ଡୀୟ ମହାଯଜ୍ଞ ଶୁଭାରମ୍ଭ ହୋଇଛି । ସ୍ଥାନୀୟ ଗାୟତ୍ରୀ ପରିବାରର ସଂଯୋଜନା ଏବଂ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଶାନ୍ତିକୁଞ୍ଜ ହରିଦ୍ୱାର ଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜନ କରାଯାଇଛି । ପରିବେଶ ସନ୍ତୁଳନ ଓ ସୁସ୍ଥ ସମାଜ ଗଠନ କରିବା ଯଜ୍ଞର ମୂଳ ଉଦ୍ଦେଶ୍ୟ ବୋଲି ଆୟୋଜକ ମଣ୍ଡଳୀ ପକ୍ଷରୁ ସୂଚନା ଦିଆଯାଇଛି । ପ୍ରଥମ ଦିନରେ ଗାୟତ୍ରୀ ମନ୍ଦିର ପରିସରରୁ ଶତାଧିକ ମହିଳା କଳସ ଯାତ୍ରାରେ ବାହାରି ନଗର ପରିକ୍ରମା କରି ସ୍ଥାନୀୟ ମୁଣ୍ଡାବନ୍ଧ ନାଳରୁ ଜଳାଭିଷେକ କରି ଶୋଭାଯାତ୍ରାରେ ଆସି ଯଜ୍ଞ ମଣ୍ଡପରେ କଳସ ସ୍ଥାପନ କରିଥିଲେ । ଅପରାହ୍ନରେ ଦୀପ ଯଜ୍ଞ ଆୟୋଜନ ହୋଇଥିବା ବେଳେ ରାଉରକେଲାର ଶିବଚନ୍ଦ୍ର ସାହୁ, ରବୀନ୍ଦ୍ର ପ୍ରଧାନ, ଚିନ୍ତାମଣି ଗୌଡ ଏବଂ ପୂଜା ଗୌଡଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା । ଦ୍ୱିତୀୟ ଦିନରେ ସଂସ୍କାର, ପଞ୍ଚକୁଣ୍ଡୀୟ ଗାୟତ୍ରୀଯଜ୍ଞ କାର୍ଯ୍ୟକ୍ରମ ସାଙ୍ଗକୁ ପୂର୍ଣ୍ଣାହୁତି କରାଯିବ । ବିଭିନ୍ନ ପ୍ରାନ୍ତରୁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଚକ୍ରପାଣି ପାତ୍ର, ପୂର୍ଣ୍ଣ ହିଆଲ,ନରସିଂହ ବେହେରା, ରବୀନ୍ଦ୍ର ସାହୁ,କିରଣ ସାହୁ, ମକର ଉତରାସିଲି, କାନ୍ତାନି ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ ଉତ୍ସବ

**ଦୁର୍ଗୀ,୮।୨**

ବିଷମକଟକ ବ୍ଲକ ଦୁର୍ଗୀସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ଓ କସ୍ତୁରବା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଦୁଇ ଅନୁଷ୍ଠାନର ଉତ୍ସବରେ ଆଦିବାସୀ ଓ ଜନ ଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରାକା ମୁଖ୍ୟଅତିଥି, କସ୍ତୁରବା ଆଶ୍ରମ ସଭାପତି ତଥା ରାଜ୍ୟ ବିଜୁ କଲ୍ୟାଣ ଉପଦେଷ୍ଟା ସୁଧୀର ଦାସ,ବିଇଓ ଜୟଚନ୍ଦ୍ର ପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା ।

## ଗୁଣପୁର କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ


ଲୋକ ଆଦାଲତରେ ଯୋଗ ଦେଇଥିବା ଜଜ୍ ଓ ଅନ୍ୟମାନେ ।

**ଗୁଣପୁର,୮।୨(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର କୋର୍ଟରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏଡିଜେ ଅଜୟ କୁମାର ପ୍ରଧାନ, ସବଜଜ୍ ସଙ୍ଗୀତା ମଲିକ, ଏସ୍‌ଡିଜେଏମ୍ ଅରୁନ୍ଧତି ଆଚାର୍ଯ୍ୟ, ଜେଏମ୍‌ଏଫ୍‌ସି ଦିପଙ୍କର ବଳ ପ୍ରମୁଖ ଯୋଗ ଦେଇଥିଲେ । ସମୁଦାୟ ୭୬ଟି ମାମଲାରୁ ୯ଟି ମାମଲାର ଫଇସଲା କରାଯାଇ ୭ ଲକ୍ଷ ୭୬ ହଜାର ଟଙ୍କା ଆଦାୟ କରାଯାଇଥିଲା । ବ୍ୟାଙ୍କ ଋଣ ଆଦାୟ ମାମଲାର ଗୋଟିଏ ଫଇସଲା ହୋଇ ୪ ଲକ୍ଷ ୮୦ ହଜାର ଟଙ୍କା ଆଦାୟ କରାଯାଇଥିଲା । ସେହିପରି ବୈବାହିକ ବିବାଦ ମାମଲା ୪ ଟିର ଫଇସଲା ହୋଇଥିଲା । ସିଭିଲର ୩ଟି ମାମଲା ଫଇସଲା ହୋଇ ୨ ଲକ୍ଷ ୭୬ ହଜାର ଟଙ୍କା ଆଦାୟ ହୋଇଥିଲା । ଏନଆଇ ଆକ୍ଟ କେସରେ ଗୋଟିଏ ସମାଧାନ କରାଯାଇ ୨୦ ହଜାର ଟଙ୍କା ଆଦାୟ କରାଯାଇଥିଲା । ଏହି ଅବସରରେ ଓକିଲମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।



ଅତିଥିଙ୍କ ଗହଣରେ ଦିବ୍ୟାଙ୍ଗମାନେ ।

## ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**କୋଲନରା, ୭।୨ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା କୋଲନରା ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି । ବ୍ଲକର ୨ଟି ଗ୍ରାମ ପଞ୍ଚାୟତ ଦୁଦୁଲି ଓ ଗାଡି ଶେଷଖାଲର କଲ୍‌ଟିଗୁଡାଠାରେ ଏହି ଶିବିର ଆରମ୍ଭ ହୋଇଛି । ଶିବିରରେ ମୋଟ ୧୨୨ ଜଣ ଭିନ୍ନକ୍ଷମଙ୍କ ନାମ ପଞ୍ଜୀକୃତ ହୋଇଥିଲା । ଏଥିମଧ୍ୟରୁ ୫ ଜଣଙ୍କୁ ହୁଇଲ ଚେୟାର, ୭ ଜଣଙ୍କୁ ୱାକିଂ ଷ୍ଟିକ୍, ଜଣଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା । କୃତ୍ରିମ ଅଙ୍ଗ ପାଇଁ ୨ ଜଣ, ଡିଆର୍‌ଜେ ଲୋନ୍ ପାଇଁ ୪ ଜଣ ଓ ୯୧ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ଯୋଗାଇ ଦେବା ପାଇଁ ଚିହ୍ନଟ କରାଯାଇଥିଲା । ଏହି ଶିବିରରେ କୋଲନରା ବିଡ଼ିଓ ତାପସ ଭୋଇ, ଡବ୍ଲୁଇଓ ସିଦ୍ଧାର୍ଥ କୁମାର ପଟ୍ଟନାୟକ, ଜିଲାରୁ ଡିଏସ୍‌ଏସ୍‌ଓ ଆଦିପତି କୁଅଁର, ଏସ୍‌ଏସ୍‌ଏସ୍‌ଓ ସିବିଏନ୍ ମୂର୍ତ୍ତି , ବିଏସ୍‌ଏସ୍‌ଓ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗାଡିଶେଷଖାଲ ରାଜସ୍ୱ ନିରୀକ୍ଷକ ଆଦିତ୍ୟ ପଟ୍ଟନାୟକ, ଦୁଦୁଲିର ଦେବେନ୍ଦ୍ର ହିମିରିକା, କୋଲନରା ସିଏଚ୍‌ସିର ଡ. ଭବାନୀ ଶଙ୍କର ବହିଦାର, ଡ. ଜ୍ୟୋସ୍ନାମୟୀ ରାଉତ, ଜ୍ୟୋସ୍ନାମୟୀ ପଣ୍ଡା, ସରପଞ୍ଚ ଲକିନାଥ କଣ୍ଡାଗରୀ, ସର୍ମିଳା ସରପାଲି, ଅମରେନ୍ଦ୍ର ନାଥ, ପୁଷ୍ପଲତା ପ୍ରଧାନ ଓ ବିଣାପାଣି ମିଶ୍ର ଯୋଗ ଦେଇଥିଲେ । ଏହି ଶିବିରକୁ ଗାଡି ଶେଷଖାଲ ଦୁଦୁଲି ଅଙ୍ଗନୱାଡି କର୍ମୀ, ଜିଆରଏସ୍ ପରିଚାଳନା କରିଥିଲେ ।

# ସାପ୍ତାହିକ ହାଟରେ ସମ୍ପର୍କ ଶିବିର

**ମୁନିଗୁଡ଼ା,୮।୨(ଡି.ଏନ୍.ଏ.)**



କାର୍ଯ୍ୟକ୍ରମରେ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ସହ ଅନ୍ୟମାନେ ।

ରାୟଗଡ଼ା ଜିଲାର ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ଜଗଦଳପୁର ସାପ୍ତାହିକ ହାଟରେ ଶନିବାର ଜନସାଧାରଣଙ୍କ ମଧ୍ୟରେ ରାଜ୍ୟ ସରକାରଙ୍କର ବିଭିନ୍ନ ଉନ୍ନୟନମୂଳକ ଯୋଜନା ସହ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ ବିଭାଗର କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଏକ ସମ୍ପର୍କ ଶିବିର ଆୟୋଜିତ ହୋଇଯାଇଛି । ଗୁଣପୁର ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା ତରଫରୁ ଆୟୋଜିତ ଏହି ଶିବିରକୁ ପଞ୍ଚାୟତସମିତି କାର୍ଯ୍ୟାଳୟ ହିସାବ ରକ୍ଷକ ବିଜୟ କୁମାର ବେବର୍ତ୍ତା ସଂଯୋଜନା କରିଥିଲେ । ଏହି ଶିବିରରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଏଥିରେ ପ୍ରକଳ୍ପ ପ୍ରଶାସକ ଗୋରାଚାନ୍ଦ ଗମାଙ୍ଗ ଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭାରପ୍ରାପ୍ତ ଜିଲା ପରିଷଦ ଅଧ୍ୟକ୍ଷା ବୀଣାପାଣି ସାହୁକାର, ପୂର୍ବତନ ସ୍ୱତନ୍ତ୍ର ଜିଲା ଉନ୍ନୟନ ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ନୁଣ୍ଡୁକା, ଜିଲା ପରିଷଦ ସଭ୍ୟ ରାମଚନ୍ଦ୍ର ବେହେରା, ସରପଞ୍ଚ କୁନି ବାରିଆକା, ତହସିଲାର ଡା. ଦେବାଶିଷ ଗୌଡ଼, ଅତିରିକ୍ତ ହସିଲଦାର ଆୟୁବ ମଣ୍ଡଳ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭାଗିରଥି ସାହୁ, କୃଷି ଜିଲା ସହକାରୀ ଅଧିକାରୀ ରବି ଶବର, ଅସିତ ବରଣ ମାଇତି, କ୍ଷୀରୋଦ ଭୂୟାଁ, ସଂଯୁକ୍ତା ଗମାଙ୍ଗ, ଅଞ୍ଜଳି ମହାପାତ୍ର, ବ୍ରଜ କିଶୋର ଦାସ ପ୍ରମୁଖ ଯୋଗ ଦେଇ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଙ୍ଗଲ ଜମି ଅଧିକାର ପ୍ରସଙ୍ଗରେ ଆଲୋକପାତ କରିଥିଲେ । ଜିଲା ପରିଷଦ ଅଧ୍ୟକ୍ଷା ସାହୁକାର ସ୍ଥାନୀୟ ଅଞ୍ଚଳର ସ୍ୱାସ୍ଥ୍ୟ, ଶିକ୍ଷା ଓ ଜଙ୍ଗଲ ଜମି ଚିହ୍ନଟ ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କାର୍ଯ୍ୟକ୍ରମରେ ଏକ ହଜାରରୁ ଊର୍ଦ୍ଧ୍ୱ ଲୋକ ଯୋଗ ଦେଇଥିଲେ । ଏହି ଅବସରରେ ୨୬୦ ଜଣ ହିତାଧିକାରୀଙ୍କୁ ଜଙ୍ଗଲ ଜମି ଶିରୋନାମା ପ୍ରଦାନ କରାଯାଇଥିଲା । କୃଷି, ସ୍ୱାସ୍ଥ୍ୟ, ଶିଶୁ ବିକାଶ ବିଭାଗ ଏବଂ ମହିଳା ସ୍ୱୟଂ ସହାୟକ ଦଳ ତରଫରୁ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ଅରୁଣ କୁମାର ଯାଦୁ ଦେଖାଇଥିବା ବେଳେ ମୁନିଖୋଲ ଆଶ୍ରମ ବିଦ୍ୟାଳୟ ଓ ଶିବପଦର ସେବାଶ୍ରମ ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରିଥିଲେ ।



ମାଲକାନଗିରି ମାର୍ଶାଲ ଆର୍ଟ ଗ୍ରୁପ କଳାକାରଙ୍କ ଚିତ୍ତାକର୍ଷକ ନୃତ୍ୟ ।




ଗଞ୍ଜାମର ରଣପା ନୃତ୍ୟ ।



କୋରାପୁଟ କଳାକାରଙ୍କ ନୃତ୍ୟ ।



ମାଲକାନଗିରିର କୋୟା ନୃତ୍ୟ ।



ଆସାମ କଳାକାର ନୃତ୍ୟ ପରିବେଷଣ କରୁଛନ୍ତି ।



ନବରଙ୍ଗପୁର କଳାକାରଙ୍କ ଓଡିଶୀ ନୃତ୍ୟ ।



କଲିକତା କଳାକାରଙ୍କ ନୂପୁର ଡ୍ୟାନ୍ସ ।

# ନୃତ୍ୟର ଯାଦୁରେ ମନମୋହିଲେ କଳାକାର

## ମାଲ୍ୟବନ୍ତ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ମାଲକାନଗିରି,୮।୨ (ଡି.ଏନ.ଏ)

ମାଲକାନଗିରିର ଐତିହ୍ୟ, ପରମ୍ପରା, କଳା, ସଂସ୍କୃତି ଓ ଜୀବନଧାରାର ନିଚ୍ଛକ ପ୍ରତିଛବି ବହନ କରେ ମାଲ୍ୟବନ୍ତ ମହୋତ୍ସବ। ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଜିଲାସ୍ତରୀୟ ମାଲ୍ୟବନ୍ତ ମହୋତ୍ସବର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ସନ୍ଧ୍ୟାରେ ରାଜ୍ୟ ତଥା ରାଜ୍ୟ ବାହାରର କଳାକାରଙ୍କ ନୃତ୍ୟ ଦର୍ଶକଙ୍କ ମନ ମୋହିଛି। ପ୍ରାରମ୍ଭରେ ମହୋତ୍ସବର ଅଧ୍ୟକ୍ଷ ଜିଲାପାଳ ମନୀଷ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଦୌରାଜଜ୍ ରୋହିତ୍‌ଲାଲ ପଣ୍ଡା, ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ବିଏସଏଫ ଡିଆଇଜି ଏସ.ପି.ସାନ୍ଧୁ , କୋରାପୁଟ ଏସପି ମୁକେଶ କୁମାର ଭାମୁ, ଛତିଶଗଡ ସୁକୁମା ଜିଲା ଏସପି ସୌଲଭ ସିନ୍ନା, ରାୟଗଡା ପିଡି ଅମିତ ରତ୍ନରାଜ ପ୍ରମୁଖ ଯୋଗଦେଇଥିଲେ । ମୁଖ୍ୟଅତିଥି



ଦ୍ୱିତୀୟ ସନ୍ଧ୍ୟାର ମଞ୍ଚାସୀନ ଅତିଥି ।

ପଣ୍ଡା କହିଲେ ଯେ, ମାଲକାନଗିରି ଜିଲାର ଐତିହ୍ୟ, ପରମ୍ପରା ନିଆରା। ଏହି ଅଞ୍ଚଳର ଆଦିବାସୀଙ୍କ ଜୀବନଶୈଳୀ ଅତି ସରଳ ଓ ନିରାଡମ୍ବର। ଏହି ଅଞ୍ଚଳର ଲୋକକଳା, ସଂସ୍କୃତିକୁ ଅନ୍ୟ କଳାକାରମାନେ ଜାଣିବା ପାଇଁ ମାଲ୍ୟବନ୍ତ ମଞ୍ଚ ଏକ ପ୍ରକୃଷ୍ଟ ମଞ୍ଚ ବୋଲି ସେ କହିଥିଲେ। ଲୁକ୍କାୟିତ ପ୍ରତିଭାର ବିକାଶ ପାଇଁ ମାଲ୍ୟବନ୍ତ ଉତ୍ସବ ପ୍ରକୃତ ସମୟ ବୋଲି ପ୍ରକାଶ କରି ଜିଲାର କଳାସଂସ୍କୃତି ଓ ଲୁକ୍କାୟିତ ପ୍ରତିଭା ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ବାଲିମେଳାର ଓଡିଶୀ, ମାଲକାନଗିରିର ଅଲ ଓଡିଶା ମାର୍ଶଲ ଆର୍ଟସ ବିନାଶ ଏବଂ ତାଙ୍କର ଦଳର ନୃତ୍ୟ, ହେନା ଡ୍ୟାନ୍ସ ଗ୍ରୁପ ଏବଂ ପାଣ୍ଡୁ ଡ୍ୟାନ୍ସ ଗ୍ରୁପ କଳାକାରଙ୍କ ନୃତ୍ୟ, ହରିୟାଣାର ଫ୍ଲାଗ ଲୋକନୃତ୍ୟ, ସମ୍ବଲପୁରର ଡାଲ୍‌ଖାଇ, ମଧ୍ୟପ୍ରଦେଶର ମରୁଡି ନୃତ୍ୟ, ଜୟପୁରର ପ୍ରେରଣା ନୃତ୍ୟ, କଲିକତାର ନୂପୁର, ରାୟଗଡାର ଲାଞ୍ଜିଆ ସୌରା ନୃତ୍ୟ, ଆନ୍ଧ୍ରପ୍ରଦେଶର କୁଚିପୁଡି, ଗୁଜରାଟ୍‌ର ସିଦ୍ଧି ଧମଲା, ଚିଁଲାଗଡର ଏକତାରା, ଗଜପତିର ସୌରାନୃତ୍ୟ, ଗଞ୍ଜାମର ପଶୁ ନୃତ୍ୟ, ଜମ୍ମୁ କଶ୍ମୀରର ଲୋକନୃତ୍ୟ ପରିବେଷଣ ହୋଇଥିଲା । ଏହି ଅବସରରେ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା। ୧୦ହଜାରରୁ ଉର୍ଦ୍ଧ୍ୱ ଦର୍ଶକଙ୍କ ସମାଗମ ହୋଇଥିଲା। ପଲ୍ଲିଶ୍ରୀମେଳାରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସାମଗ୍ରୀ, ସମ୍ବଲପୁରୀ ଶାଢି, ଛତିଶଗଡର କାଠ ସାମଗ୍ରୀ ସମେତ ରାଜ୍ୟ ତଥା ରାଜ୍ୟ ବାହାରର ବହୁ ବ୍ୟବସାୟୀ ସେମାନଙ୍କ ସାମଗ୍ରୀର ପସରା ଖୋଲିଛନ୍ତି।

# ନିଜ ପାରଦର୍ଶିତା ପ୍ରଦର୍ଶନ ପାଇଁ ପରାମର୍ଶ

## ବ୍ଲକ କଲୋନୀ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

କାଲିମେଳା,୮।୨(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଳା ବ୍ଲକ ସଦରସ୍ଥିତ ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ସ୍ଥାନୀୟ ଖେଳ ପଡିଆ ନିକଟରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଛାତ୍ରୀଛାତ୍ରମାନେ ପ୍ରଥମେ ସ୍ଥାନୀୟ ଶିବମନ୍ଦିରରେ ପୂଜାର୍ଚ୍ଚନା କରି ମଶାଲ ଶୋଭାଯାତ୍ରାରେ କାଲିମେଳା ବଜାର ଦେଇ ଖେଳପଡିଆଠାରେ ପହଞ୍ଚିଥିଲେ। କ୍ରୀଡା ପ୍ରତିଯୋଗିତାକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଙ୍ଗାଧର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରମାନେ କ୍ରୀଡା କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରଦର୍ଶନ କରିବା ପାଇଁ ମୁଖ୍ୟଅତିଥି



ବିଦ୍ୟାଳୟର ବାର୍ଷିକ କ୍ରୀଡାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ ।

ପଟ୍ଟନାୟକ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷକ ଧ୍ରୁବଚରଣ ନାୟକଙ୍କ ନେତୃତ୍ୱରେ ଏହି ପ୍ରତିଯୋଗିତା ହୋଇଥିଲା। ସ୍ଥାନୀୟ ମହାବିଦ୍ୟାଳୟର କ୍ରୀଡାଶିକ୍ଷକ ସହଦେବ ଦାସ କ୍ରୀଡା ପରିଚାଳନା କରିଥିଲେ। ପ୍ରଥମ ଦିବସରେ ଛାତ୍ରୀଛାତ୍ରଙ୍କୁ ନେଇ ଦୌଡ, ଲମ୍ଫଡିଆଁ, ଉଚ୍ଚ ଡିଆଁ, ବେଙ୍ଗ ଡିଆଁ, ଅଖା ଦୌଡ ଆଦି ଖେଳ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଆଗାମୀ ଦିନରେ ହେବାକୁ ଥିବା ବିଦ୍ୟାଳୟର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ ।

# ଜଣ୍ଡିସରେ ନାବାଳିକାଙ୍କ ମୃତ୍ୟୁ

ପଡିଆ,୮।୨(ଡି.ଏନ.ଏ.)

ମାଲକାନଗିରି ଜିଲା ପଡିଆ ବ୍ଲକରେ ଜଣ୍ଡିସ ରୋଗରେ ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗୁଟାଗୁଡାର କୁଞ୍ଜାମ ଉରାଙ୍କ ଝିଅ କୁଞ୍ଜାମ ପାର୍ବତୀ(୧୬)। ପାର୍ବତୀ ଗତ କିଛି ଦିନ ହେଲା ଜଣ୍ଡିସରେ ଆକ୍ରାନ୍ତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନ ନେଇ ଝଡଫୁଙ୍କା କରୁଥିଲେ। ମାତ୍ର ୨ ଦିନ ତଳେ ତାଙ୍କ ଅବସ୍ଥା ଗୁରୁତର ହୋଇପଡିବାରୁ ଗୁରୁବାର ପଡିଆ ଡାକ୍ତରଖାନାକୁ ଆଣିଥିଲେ। ଏଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ମାଲକାନଗିରିରେ ଚିକିତ୍ସାଧୀନ ଥିବା ବେଳେ ଶୁକ୍ରବାର ପାର୍ବତୀଙ୍କ ମୃତ୍ୟୁ ହୋଇଯାଇଛି।

# ଶିକ୍ଷାଦାନ କ୍ଷେତ୍ରରେ ନିଜସ୍ୱ ପରିଚୟ ସୃଷ୍ଟି କରିପାରିଛି

## ମହିଳା ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ

ମାଲକାନଗିରି,୮।୨ (ଡି.ଏନ.ଏ) –

ମାଲକାନଗିରି ମହିଳା ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବ ମହାବିଦ୍ୟାଳୟ ପ୍ରତିଷ୍ଠାତା ଦୁର୍ଗା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସଂସ୍କୃତି, କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟବକ୍ତା ପୂର୍ବତନ ରାଜ୍ୟ ସଭା ସଦସ୍ୟ ଭଗବାନ ମାଝି, ନବରଙ୍ଗପୁର ଏମ୍‌ପି ରମେଶ ମାଝି, ମାଲକାନଗିରି ବିଧାୟକ ଆଦିତ୍ୟ ମାଢି, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି, ବିକାଶ ପରିଷଦର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ମାନସ ମାଡକାମି, ଜିଲା ପରିଷଦର ପୂର୍ବତନ ଅଧ୍ୟକ୍ଷ ପଦ୍ମିନୀ



ରୌପ୍ୟଜୟନ୍ତୀରେ ଅତିଥିମାନେ ।

ମୁଦୁଲି, ପୂର୍ବତନ ପୌରାଧ୍ୟକ୍ଷ ରାଜୱନ୍ତ କୌର ଉପସ୍ଥିତ ଥିଲେ। ଅତିଥିମାନେ ଏହି ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକଙ୍କ ଶିକ୍ଷାଦାନ ଶୈଳୀ ଓ ଛାତ୍ରୀମାନଙ୍କ କୃତିତ୍ୱ ଉପରେ ଆଲୋକପାତ କରି ଶିକ୍ଷାଦାନ କ୍ଷେତ୍ରରେ ମହାବିଦ୍ୟାଳୟ ନିଜସ୍ୱ ପରିଚୟ ସୃଷ୍ଟି କରିପାରିଛି ବୋଲି କହିଥିଲେ। ମହାବିଦ୍ୟାଳୟକୁ ସରକାରୀ ମହାବିଦ୍ୟାଳୟରେ ପରିଣତ କରିବା ଲାଗି ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ପ୍ରାରମ୍ଭରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଅଧ୍ୟକ୍ଷ ଦୁଷ୍ମନ୍ତ ଜେନା ବିବରଣୀ ପାଠ, ବିନାଶ ମିଶ୍ର ପରିଚାଳନା କରିଥିଲେ।

# ଧାନବସ୍ତା ରଖି ଚାଷୀଙ୍କ ରାସ୍ତାରୋକୋ

ମାଲକାନଗିରି,୮।୨ (ଡି.ଏନ.ଏ)

ମାଲକାନଗିରି ଜିଲାରେ ଧାନମଣ୍ଡିରୁ ଧାନ ଉଠୁ ନ ଥିବା ଅଭିଯୋଗ କରି ଶନିବାର ଚାଷୀମାନେ ରାସ୍ତାରୋକୋ କରିଥିଲେ। ଏଥିରେ ମାଲକାନଗିରି ବିଧାୟକ ଆଦିତ୍ୟ ମାଢି, ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି ସାମିଲ୍ ହୋଇଥିଲେ । ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ ଏକ ମାସରୁ ଉର୍ଦ୍ଧ୍ୱ ବିତିଯାଇଥିଲେ ସୁଦ୍ଧା ମଣ୍ଡିରୁ ସେମାନଙ୍କ ଧାନ ଉଠିପାରୁନାହିଁ । ପଞ୍ଜୀକରଣ ସତ୍ତ୍ୱେ ବହୁ ଚାଷୀଙ୍କୁ ଏଯାଏ ଟୋକନ୍ ମିଳିନାହିଁ। ମାଲକାନଗିରି ଜିଲାରେ ୧୧ ଲକ୍ଷ ୩୦ କୁଇଣ୍ଟାଲ ଧାନ କ୍ରୟ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ଆଉ ୧ ଲକ୍ଷ କୁଇଣ୍ଟାଲ ଧାନ




ଚାଷୀମାନେ ରାସ୍ତାରୋକୋ କରିଛନ୍ତି ।

 କ୍ରୟ କରାଯିବାକୁ ବାକି ଅଛି। ବିଭାଗୀୟ ଅଧିକାରୀଙ୍କ ଟାଳଟୁଳ ନୀତି ଯୋଗୁ ଏହା ହୋଇପାରୁନାହିଁ । ଏହାର ପ୍ରତିବାଦରେ ଚାଷୀମାନେ ଡିଏନକେ ଛକଠାରେ ରାସ୍ତାରୋକୋ କରିଥିଲେ। ପ୍ରଶାସନ ପକ୍ଷରୁ ଚାଷୀଙ୍କୁ ବୁଝାଇବା ପାଇଁ ଯେତେ ଚେଷ୍ଟା କଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିଲା। ଅନ୍ୟପକ୍ଷରେ ବୁଝାଶୁଝା କରିବାକୁ ଆସିଥିବା ସହକାରୀ ଯୋଗାଣ ଅଧିକାରୀଙ୍କୁ ଚାଷୀମାନେ ଅଟକ ରଖିଛନ୍ତି। ଖବର ପାଇ ଉପ ଜିଲାପାଳ ରାମେଶ୍ୱର ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିଥିଲେ। ୭ଦିନ ଭିତରେ ମଣ୍ଡିରୁ ସବୁଧାନ ଉଠିବ। ଯେଉଁ ଚାଷୀ ଟୋକନ ପାଇନାହାନ୍ତି ସେମାନଙ୍କୁ ତୁରନ୍ତ

- ମଣ୍ଡିରୁ ଧାନ ଉଠାଇବାରେ ଟାଳଟୁଳ ନୀତି
- ବହୁ ଚାଷୀଙ୍କୁ ଏଯାଏ ମିଳିନି ଟୋକନ୍
- ସହକାରୀ ଯୋଗାଣ ଅଧିକାରୀ ଅଟକ

ଟୋକାନ ପ୍ରଦାନ କରାଯିବ। ଟୋକନ ପାଇବା ପରେ ସେମାନଙ୍କଠାରୁ ଧାର୍ଯ୍ୟ ସମୟ ପରେ ମଧ୍ୟ ଧାନ କିଣାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ରାସ୍ତାରୋକୋ ହଟିଥିଲା। ସୂଚନାଯୋଗ୍ୟ ଯେ, ଚାଷୀଙ୍କ ରାସ୍ତାରୋକୋ ଯୋଗୁ ଏହି ରାସ୍ତାରେ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା।

# ଜାତୀୟ କୃମିନାଶକ ଦିବସ ପାଇଁ କର୍ମଶାଳା




କର୍ମଶାଳାରେ ମଞ୍ଚାସୀନ ଅତିଥି ।

ଗୋବିନ୍ଦପାଲି, ୮।୨(ଡି.ଏନ.ଏ.–

ମାଲକାନଗିରି ଜିଲା ଖଇରପୁଟ ବ୍ଲକ କନଫରେନ୍ସ ହଲରେ ଗୃହରେ ଜାତୀୟ କୃମିନାଶକ ଦିବସ ପାଇଁ ଶନିବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ପ୍ରଧାନଶିକ୍ଷକ, ମହାବିଦ୍ୟାଳୟର ଅଧ୍ୟାପକ, ନୋଡାଲ ଶିକ୍ଷକ, ବିଇଓ ଡବ୍ଲୁଇଓ, ସୁପରଭାଇଜର, ଅଙ୍ଗନୱାଡି କର୍ମୀ, ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ଏବିଇଓ ଶିବାନୀ ମୁଦୁଲି ଉପସ୍ଥିତ ଥିଲେ। ଆସନ୍ତା ୧୦ ତାରିଖରେ ହେବାକୁ ଥିବା ଜାତୀୟ କୃମିନାଶକ ଦିବସରେ ସମସ୍ତ ଶିଶୁଙ୍କୁ କୃମିନାଶକ ବଟିକା ଦେବାକୁ ନିଷ୍ପତ୍ତି ହୋଇଥିଲା। ଯେଉଁମାନେ ୧୦ରେ ଏହି ବଟିକା ଖାଇବାରୁ ବଞ୍ଚିତ ହେବେ ସେମାନେ ଅନ୍ୟ ଦିବସରେ ବଟିକା ଖାଇବେ। ଲିଙ୍ଗରାଜ ସେନାପତି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, କୃମି ହେଲେ ଶିଶୁମାନେ ବିଭିନ୍ନ ସ୍ୱାସ୍ଥ୍ୟଜନିତ ରୋଗରେ ପୀଡିତ ହୋଇଥାନ୍ତି। ବିଦ୍ୟାଳୟରେ ଉପସ୍ଥାନ ହ୍ରାସ ପାଇଥାଏ। ଶିକ୍ଷଣ ଅଭିବୃଦ୍ଧି ମଧ୍ୟ ବାଧାପ୍ରାପ୍ତ ହୁଏ।

## ସଂକ୍ଷେପରେ

### ୫ ଚୋରା ମଦ ବେପାରୀ ଗିରଫ

ଜଳେଶ୍ୱର, ୮।୨(ସ୍ୱ.ପ୍ର.)- ବାଲେଶ୍ୱର ଜିଲା ଅବକାରୀ ଏସ୍‌ପି ବିବେକାନନ୍ଦ ନାୟକଙ୍କ ସୂଚନା ଅନୁଯାୟୀ ଜଳେଶ୍ୱର ଅବକାରୀ ଓଆଇସି ହରପ୍ରସାଦ ରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶନିବାର ଏକ ୫ଜଣିଆ ଟିମ୍ ଜଳେଶ୍ୱର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ୫ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କୁବାଡ଼ିଆ (ଜଳେଶ୍ୱରପୁରର) ଦୁବାୟ୍ କିସ୍କୁ, ଚାଲନ୍ତିର ପଦ୍ମିନୀ ସିଂ, ସେକ୍ସରାଇର ବିଶ୍ୱଜିତ୍ ଅଣ୍ଡିଆ, ଗୋପର ବାସନ୍ତୀ ଦେହୁରୀ, ବିରିଶପୁରର ବିନ୍ଧାଧର ସିଂ। ସେମାନଙ୍କଠାରୁ ଏନେଇ ୫ଟି ମାମଲା ରୁଜୁ ହୋଇଛି।

# ୧୦ ବର୍ଷ ହେଲା ଭତ୍ତାରୁ ବଞ୍ଚିତ ଦିବ୍ୟାଙ୍ଗ ଦିବା

- ଚାଷବେଳେ ଦୁର୍ଘଟଣାରେ ହରାଇଥିଲେ ହାତ
- ଦୀର୍ଘଦିନ ଧରି ଆବେଦନ ପରେ ମିଳିଛି କେବଳ ପ୍ରତିଶ୍ରୁତି
- ଭତ୍ତା ପାଇଁ ବିଡିଓଙ୍କୁ ଜଣାଇଲେ ଦାବି

ରାୟଗଡ଼(ଗଜପତି), ୮।୨(ଡି.ଏନ୍.ଏ.):

ରାଜ୍ୟ ସରକାରଙ୍କ ପକ୍ଷରୁ ମଧୁବାବୁ ପେନ୍‌ସନ ଯୋଜନାରେ ବିଭିନ୍ନ ଭତ୍ତା ଦିଆଯାଉଥିବାବେଳେ ଏଥିରେ ଦିବ୍ୟାଙ୍ଗମାନଙ୍କ ପାଇଁ ମଧ୍ୟ ଆର୍ଥିକ ସହାୟତାର ବ୍ୟବସ୍ଥା କରିଛନ୍ତି। ହେଲେ ଗଜପତି ଜିଲା ରାୟଗଡ଼ ବ୍ଲକ୍ କେରାଣ୍ଡି ପଞ୍ଚାୟତ ଅଧୀନ ବଳଦା ଗ୍ରାମରେ ଜଣେ ଦିବ୍ୟାଙ୍ଗ ୧୦ ବର୍ଷ ହେଲା ଏହି ଯୋଜନାରୁ ବଞ୍ଚିତ ରହିଛନ୍ତି। ଦୀର୍ଘବର୍ଷ ଧରି ସେ ସହାୟତା ପାଇଁ ଆବେଦନ କରି ଆସୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ତାଙ୍କୁ କେବଳ ପ୍ରତିଶ୍ରୁତି ହିଁ ମିଳିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ବଳଦା ଗ୍ରାମର ଦିବା ଶବର(୫୫) ୧୦ ବର୍ଷ ତଳେ


ଦିବା ଶବର।

ନିଜ ବଗଡ଼ରେ ପୋଡୁ ଚାଷ କରିବା ସମୟରେ ପଥର ଚାପି ହୋଇ ବାମହାତ ହରାଇବାକୁ ପଡ଼ିଥିଲା। ତାଙ୍କ ଆର୍ଥିକ ସ୍ଥିତି ଭଲ ନ ଥିବାବେଳେ ବହୁ କଷ୍ଟରେ ପରିବାର ଚଳାଉଛନ୍ତି। ଦିବା ସରକାରୀ ସହାୟତା ବିଷୟରେ ଠିକ୍‌ଭାବେ ଜାଣି ନ ଥିବା ଯୋଗୁ ସ୍ଥାନୀୟ ପଞ୍ଚାୟତ ପ୍ରତିନିଧି ଏବଂ ଅଧିକାରୀ ତାଙ୍କୁ ଗୁରୁତ୍ୱ ଦେଉନାହାନ୍ତି। ଫଳରେ ସେ ଭତ୍ତାରୁ ବଞ୍ଚିତ ହୋଇଥିବା କହିଛନ୍ତି। ଗୋଟିଏ ହାତ ନ ଥିବାବେଳେ ଏବେ ପରିବାର ଚଳାଇବା ତାଙ୍କ ପାଇଁ ଆଉ ସମ୍ଭବ ହେଉନି। ତେଣୁ ବାଧ୍ୟହୋଇ ନିଜ ଅଧିକାର ପାଇଁ ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବିଡିଓ ଲୁକାସ୍ ପ୍ରଧାନଙ୍କୁ ଭେଟି ସେ ଭତ୍ତା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ନେଇ ଏଲ୍‌ଏସିଓ ନମିତା ଚାନ୍ଦ୍ ନାୟକ କହିଛନ୍ତ, ଘଟଣା ମୋ ନଜରରେ ନ ଥିଲା । ଶୀଘ୍ର ତାଙ୍କୁ ଭତ୍ତା ଦିଆଯିବା ବ୍ୟବସ୍ଥା କରାଯିବ। ତେବେ କେବଳ ଦିବା ନୁହନ୍ତି, ଗାଁର ବୀମ ଶବର(୬୨) ବାଙ୍ଗାରୀ ଶବର (୬୦), ଯାଗାରୁ ଶବର(୬୧)ଙ୍କ ସମେତ ରାୟଗଡ଼ ଗ୍ରାମର ଶଶୀ ସାହୁ ଏବଂ ଅନେକ ଯୋଗ୍ୟ ହିତାଧିକାରୀ ଭତ୍ତା ପାଇଁ ଆବେଦନ କରି ବର୍ଷ ବର୍ଷ ବିତିଯାଇଥିଲେ ମଧ୍ୟ ଏ ଯାବତ୍ ପାଇ ନ ଥିବା ଜଣାଇଛନ୍ତି।

# ରାଷ୍ଟ୍ରୀୟ ଲୋକ ଅଦାଲତ

- ଦୁର୍ଘଟଣା ମାମଲାରେ ୬ଲକ୍ଷ ୬୫ ହଜାର ଟଙ୍କା କ୍ଷତିପୂରଣ ନିର୍ଦ୍ଦେଶ

ପାରଳାଖେମୁଣ୍ଡି,୮।୨(ସ୍ୱ.ପ୍ର.)

ଗଜପତି ଜିଲାର ବିଭିନ୍ନ ଅଦାଲତରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଗଜପତି ଜିଲା ଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ବିଶ୍ୱଜିତ୍ ଦାସ ଏହାର ଉଦ୍‌ଘାଟନ କରିବା ସହ ବିଭିନ୍ନ କୋର୍ଟରେ ତତ୍ତ୍ୱାବଧାନ କରିଥିଲେ। ପ୍ରାଧିକରଣ ସମ୍ପାଦିକା ଦୀପା ଦାସଙ୍କ ଦ୍ୱାରା ଏହି ଲୋକ ଅଦାଲତ ପରିଚାଳିତ ହୋଇଥିଲା। ସେ ପ୍ରତ୍ୟକ୍ଷଭାବେ ସମସ୍ତ କୋର୍ଟରେ କାର୍ଯ୍ୟକ୍ରମ ତଦାରଖ କରିଥିଲେ। ସେହିପରି ଅତିରିକ୍ତ ଜିଲା ଜଜ୍ ଅରୁଣ କୁମାର ସାହୁ, ସିଭିଲ୍ କୋର୍ଟ ରେଜିଷ୍ଟ୍ରାର ଶୁଭଶ୍ରୀ ପ୍ରଧାନ, ବରିଷ୍ଠ ଦେୱାନୀ ଅଧିକାରୀ ବ୍ୟୋମକେଶ ନାୟକ, ଏସ୍‌ଡିଜେଏମ୍ ଚନ୍ଦ୍ରହାସ ବେହେରା ନିଜ ନିଜ କୋର୍ଟରେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଲୋକ ଅଦାଲତରେ ଜିଲା ଜଜ୍‌ଙ୍କ କୋର୍ଟରେ ଯାନବାହାନ ଜନିତ ଦୁର୍ଘଟଣା ମାମଲାର ବିଚାର କରାଯାଇ ମୋଟ ୬,୬୫,୦୦୦ ଟଙ୍କା କ୍ଷତିପୂରଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ମୋହନା, ଆର୍.ଉଦୟଗିରି ଏବଂ କାଶୀନଗରଠାରେ ମଧ୍ୟ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ବହୁ ଜାତୀୟ ବ୍ୟାଙ୍କ୍ ଏବଂ ବିଏସ୍‌ଏନ୍‌ଏଲ୍‌ର ଅଧିକାରୀମାନେ ଯୋଗଦେଇ ବିଭାଗୀୟ ମାମଲାର ସମାଧାନ କରିଥିଲେ। ଏଥିରେ ମୋଟ ୬୮୮ ମାମଲା ମଧ୍ୟରୁ ୭୩ ମାମଲାର ସମାଧାନ କରାଯାଇଥିବାବେଳେ ୯ ଲକ୍ଷ ୨୫ ହଜାର ୯୦୮ ଟଙ୍କା ଆଦାୟ ହୋଇଥିବା ଜଣାପଡ଼ିଛି ।

# କେନ୍ଦ୍ର ସରକାର ଉପରେ ବର୍ଷିଲା ସଙ୍ଗଠନ

### ଡିୱାଇଏଫ୍‌ଆଇର ରାଜ୍ୟ ସମ୍ମିଳନୀ

ପାରଳାଖେମୁଣ୍ଡି,୮।୨(ସ୍ୱ.ପ୍ର.)

ଭାରତୀୟ ଗଣତାନ୍ତ୍ରିକ ଯୁବ ଫେଡେରେସନ (ଡିୱାଇଏଫ୍‌ଆଇ)ର ୧୨ଶ ରାଜ୍ୟ ସମ୍ମିଳନୀ ଶନିବାର ଆରମ୍ଭ ହୋଇଛି। ପାରଳାଖେମୁଣ୍ଡିଠାରେ ଅନୁଷ୍ଠିତ ହେଉଥିବା ଏହି ସମ୍ମିଳନୀର ପ୍ରଥମ ଦିନରେ ସଂଗଠନ ପକ୍ଷରୁ ନୂଆବସ୍‌ଷ୍ଟାଣ୍ଡ ଠାରୁ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରି ଗୁଣ୍ଡିଚାବାଡି ପଡ଼ିଆରେ ପହଞ୍ଚିଥିଲା । ସେଠାରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ସଙ୍ଗଠନର ରାଜ୍ୟ ସଭାପତି ସରୋଜ ନାୟକ ସଭାପତିତ୍ୱ କରି ସମ୍ମିଳନୀର ଆଭିମୁଖ୍ୟ ଜଣାଇଥିଲେ। କେନ୍ଦ୍ର ସରକାରଙ୍କର ଯୁବ ମାରଣ ନୀତି ଏବଂ ବେକାରୀ ସମସ୍ୟା ବୃଦ୍ଧିକୁ ନେଇ ନିନ୍ଦା କରିଥିଲେ। ରାଜ୍ୟ ସରକାର ମଧ୍ୟ କେନ୍ଦ୍ର ସରକାରଙ୍କ ହାତବାରସି ସାଜି କାର୍ଯ୍ୟ କରୁଥିବା ସେ କହିଥିଲେ। ସେହିପରି ନାଗରିକତ୍ୱ ସଂଶୋଧନ ଆଇନ ଏବଂ ଏନ୍‌ଆର୍‌ସି ଭଳି ଆଇନ ଭାରତକୁ ବିଭାଜନ କରୁଥିବାବେଳେ ଏହା ବିରୁଦ୍ଧରେ ସଙ୍ଗଠନ ଆନ୍ଦୋଳନ ଜାରି ରଖିବ ବୋଲି ସେ ସୂଚନା ଦେଇଥିଲେ। ସେହିପରି ସଙ୍ଗଠନର ଜାତୀୟ ସମ୍ପାଦକ ଅଭୟ ମୁଖାର୍ଜୀ କେନ୍ଦ୍ର ସରକାରଙ୍କ


ଶୋଭାଯାତ୍ରାରେ ବାହାରିଥିବା ଡିୱାଇଏଫ୍‌ଆଇ କର୍ମକର୍ତ୍ତା ।

ଉପରେ ବର୍ଷିବା ସହ ରାଜ୍ୟ ସରକାର ମଧ୍ୟ କେନ୍ଦ୍ର ସହ ହାତ ମିଳାଇଥିବା କହିଥିଲେ। ଦେଶକୁ ବିଭାଜନ କରୁଥିବା ଶକ୍ତିମାନଙ୍କୁ ସଙ୍ଗଠନ ବରଦାସ୍ତ କରିବନି। ଏଥିପାଇଁ ମୃତ୍ୟୁ ପର୍ଯ୍ୟନ୍ତ ଲଢେଇ ଜାରି ରହିବ ବୋଲି ସେ ସ୍ପଷ୍ଟ କରିଥିଲେ। କାର୍ଯ୍ୟକ୍ରମରେ ସଙ୍ଗଠନର ରାଜ୍ୟ ସାଧାରଣ ସମ୍ପାଦକ ଯତୀନ୍ ମହାନ୍ତି, ସିପିଏମ୍‌ର ସାଧାରଣ ସମ୍ପାଦକ ଅଲିକିଶୋର ପଟ୍ଟନାୟକ, କ୍ଷେତ ମଜଦୁର ସଂଘର ବିଦ୍ୟାଧର ଜେନା, ବରିଷ୍ଠ ନେତା ସୁରେଶ ପାଣିଗ୍ରାହୀ, ଆର୍. ଜାନୀ, ଶ୍ରୀନିବାସ ବେହେରା, ନରସିଂହ ମାଳ ବିଶୋୟୀଙ୍କ ସମେତ ଜିଲାର ବିଭିନ୍ନ ବ୍ଲକରୁ ୩ଶହରୁ ଊର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ। ରବିବାର ସମ୍ମିଳନୀ ଉଦ୍‌ଯାପିତ ହେବ।

# ଜଳିଗଲା ଘର, ୪ ଗାଈ ଜୀବନ୍ତ ଦଗ୍ଧ

ଜଳେଶ୍ୱର, ୮।୨(ସ୍ୱ.ପ୍ର.)

ବାଲେଶ୍ୱର ଜିଲାର ରାଇବଣିଆ ଅଞ୍ଚଳରେ ହାତୀ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି। ବାଣରେ ନିଆଁ ଲଗାଇ ହାତୀ ଘଉଡ଼ାଇବା ପାଇଁ ଉଦ୍ୟମ କରାଯାଉଥିବା ବେଳେ ନିଆଁ ଏକ ଘର ଉପରେ ପଡିଯାଇଥିଲା। ଘରଟି ସମ୍ପୂର୍ଣ୍ଣ ଜଳିଯିବାରୁ ତା’ ଭିତରେ ବନ୍ଧା ହୋଇଥିବା ୪ ଗାଈ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଶୁକ୍ରବାର ରାତିରେ ଶିମିଳିପାଳର ୧୩ଟି ହାତୀ ରଙ୍ଗାମାଟିଆ ଜଙ୍ଗଲରୁ ଯାଇ କୁମୁଟିଆ ଗାଁରେ ବ୍ୟାପକ କ୍ଷତି ଘଟାଇଛନ୍ତି। କୁମୁଟିଆ ଜଙ୍ଗଲ ନିକଟରେ କେତେକ ଆଦିବାସୀ ଲୋକ ଗୃହ ନିର୍ମାଣ କରି ରହିଥିଲେ। ରାତିରେ ହାତୀଗୁଡ଼ିକ ଏହି ଘର ନିକଟକୁ ଯାଇ କିଛି ସମୟ ରହିଥିଲେ। ତେଣୁ ଗ୍ରାମବାସୀ ଓ ବନକର୍ମଚାରୀ ହାତୀ ଘଉଡ଼ାଇବା ପାଇଁ କିଛି ବାଣ ବ୍ୟବହାର କରିଥିଲେ। ଏହି ବାଣ ନିଆଁ ଜଗ ସିଂଙ୍କ ଘର ଉପରେ ପଡିଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଘରେ କେହି ରହୁ ନ ଥିବାବେଳେ ୪ଟି ଗାଈ ବନ୍ଧା ହୋଇଥିବାରୁ ସେଗୁଡ଼ିକ ପୋଡି ପାଉଁଶ ହୋଇଯାଇଛନ୍ତି ବୋଲି ଜଗା ସିଂ ପ୍ରକାଶ କରିଛି। ଏ ସମ୍ପର୍କରେ ରେଞ୍ଜର ସରୋଜ ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ହାତୀ ଘଉଡ଼ାଇବା ବେଳେ କେତେକ ଗ୍ରାମବାସୀ ଓ ବନକର୍ମଚାରୀ ଘଟଣାସ୍ଥଳର ଅଳ୍ପ ଦୂରରେ ଥଣ୍ଡା ଯୋଗୁ ନିଆଁ ପୋଉଥିଲେ। ମଧ୍ୟରାତ୍ରିରେ ବନକର୍ମଚାରୀମାନେ ଫେରି ଆସିଥିବା ବେଳେ ଭୋର ସମୟରେ ଜଗା ସିଂଙ୍କ ଘରେ ନିଆଁ ଲାଗିଯାଇଥିଲା।

### ମହିଳା ସ୍ନାତକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

# ‘କେବଳ ଶିକ୍ଷା ନୁହେଁ, ଶିଷ୍ଟାଚାର ଜରୁରୀ’


କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ, ଜିଲାପାଳ ଓ ଅନ୍ୟମାନେ।

ପାରଳାଖେମୁଣ୍ଡି,୮।୨(ସ୍ୱ.ପ୍ର.)

ପାରଳାଖେମୁଣ୍ଡିସ୍ଥିତ ମହିଳା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଛି। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କଲେଜର ଅଧକ୍ଷା ଡ. ରୀନା ସାହୁ ଅଧକ୍ଷତା କରି ମହାବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିବା ସହ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଗୁରୁ ରଘୁନାଥ ପାତ୍ରଙ୍କ ସଂଯୋଜନାରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପାରଳାଖେମୁଣ୍ଡି ବିଧାୟକ ତଥା ମହାବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ କେ. ନାରାୟଣ ରାଓ ଯୋଗଦେଇ ଏବେକା ସମାଜରେ କେବଳ ଶିକ୍ଷିତ ହେଲେ ହେବନାହିଁ, ଶିଷ୍ଟାଚାର ପ୍ରତି ଧ୍ୟାନ ଦେବା ଆବଶ୍ୟକ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ଡ. ଜିତେନ୍ଦ୍ରନାଥ ପଟ୍ଟନାୟକ ଯୋଗଦେଇ ସ୍ମାର୍ଟଫୋନ୍‌ରେ ଅଧିକ ସମୟ ବ୍ୟୟ ନ କରି ଲାଇବ୍ରେରୀର ବ୍ୟବହାର କଲେ ଶିକ୍ଷା କ୍ଷେତ୍ରରେ ଅଧିକ ସହାୟକ ହୋଇପାରିବ ବୋଲି କହିଥିଲେ। ସେହିପରି ସମ୍ମାନୀତ ଅତିଥିଭାବେ ଜିଲାପାଳ ଅନୁପମ ଶାହା, ଅତିରିକ୍ତ ଜିଲାପାଳ ଜ୍ଞାନରଞ୍ଜନ ଭଞ୍ଜଦେଓ ଏବଂ ବିଦ୍ୟାଳୟର ଅନ୍ୟାନ୍ୟ ଅଧ୍ୟାପିକାମାନେ ଉପସ୍ଥିତ ରହି ପ୍ରତ୍ୟେକ ଛାତ୍ରୀ ଯେପରି ଜୀବନରେ ଶୀର୍ଷ ସ୍ଥାନରେ ପହଞ୍ଚି ସହର ତଥା କଲେଜର ଗୌରବ ବୃଦ୍ଧି କରିପାରିବେ, ସେଥିପ୍ରତି ଧ୍ୟାନଦେବା ଆବଶ୍ୟକ ବୋଲି କହିଥିଲେ। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଲକ୍ଷାଧିକ ଟଙ୍କାର ସାଗୁଆନ କାଠ ଜବତ

### ଆନ୍ଧ୍ରକୁ ହେଉଥିଲା ଚୋରା ଚାଲାଣ


ଜବତ କାଠ ସହ ଗିରଫ ୨ ଅଭିଯୁକ୍ତ।

ଗୋଷାଣୀ,୮।୨(ଡି.ଏନ୍.ଏ.)

ଆନ୍ଧ୍ରକୁ ଚୋରା ଚାଲାଣବେଳେ ଗଜପତି ଜିଲା ଗାରାବନ୍ଧ ପୋଲିସ ୧୨ ସାଗୁଆନ୍ ଗଣ୍ଡି ଜବତ କରିଛି। ସୂଚନା ଅନୁଯାୟୀ, ପୋଲିସ ପାଟ୍ରୋଲିଂ କରିବା ସମୟରେ ଏକ ଡାଲା ଅଟୋ ନଂ.ଏପି୩୦ ଟିସି-୧୯୬୪କୁ ସନ୍ଦେହରେ ଅଟକାଇଥିଲା। ଯାଞ୍ଚ ସମୟରେ ଗାଡ଼ିରୁ ମୂଲ୍ୟବାନ କାଠ ଥିବା ଜଣାପଡ଼ିଥିଲା। ମାଫିଆଙ୍କ ଦ୍ୱାରା କାଠ ଆନ୍ଧ୍ରକୁ ଚାଲାଣ କରାଯାଉଥିବାବେଳେ ଏହାର ମୂଲ୍ୟ ୧ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ଏହି ଘଟଣାରୁ ସମ୍ପୃକ୍ତ ଗୋଷାଣୀ ବ୍ଲକ୍ ଘରୋଣୀ ଗ୍ରାମର ରମେଶ ଶବର ଓ ଗୋଡ଼ାସିଂ ଗ୍ରାମର ତାରା ଶବରଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ତେବେ ଜିଲାରେ ବାରମ୍ବାର କାଠ ଚୋରା ଚାଲାଣବେଳେ ମାଫିଆମାନେ ଧରା ପଡୁଛନ୍ତି। ତେଣୁ ବନ ବିଭାଗର କାର୍ଯ୍ୟକାରିତାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି।











Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ରାୟଗଡ଼ା, ରବିବାର, ୯ ଫେବୃୟାରୀ , ୨୦୨୦



ଈଶ୍ୱରଙ୍କ ଆଡକୁ ମନ ଗଲେ ଭାବର ଉଦୟ ହୁଏ। ଭାବ ଆସିଲେ ପ୍ରେମର ଉଦ୍ରେକ ହୁଏ।
- ଶ୍ରୀ ଚୈତନ୍ୟ ଦେବ



# ପ୍ରଥା ଦାୟରେ ଏବେ ବି ବଳି ପଡୁଛନ୍ତି ବାଳିକା

ପବନ ପାଣିଗ୍ରାହୀ
ଜୟପୁର,୮।୨

## ଅଧୁରି ବାଲ୍ୟ ବିବାହ ଧାରା

- ପ୍ରଶାସନ ପାଖରେ ପ୍ରଭାବୀ ଯୋଜନା ନାହିଁ
- ସଭାସମିତିରେ ସୀମିତ ରହିଛି ସଚେତନତା

ଆଦିବାସୀ ଅଧ୍ୟୁଷିତ ଅବିଭକ୍ତ କୋରାପୁଟ ଜିଲାରେ ଏବେ ବି ବାଲ୍ୟ ବିବାହ ପ୍ରଥା ପ୍ରଚଳିତ ରହିଛି। ପ୍ରଶାସନ ପକ୍ଷରୁ ବାରମ୍ବାର ବାଲ୍ୟ ବିବାହ ରୋକାଯିବା ଘଟଣା ଦର୍ଶାଉଛି ଯେ ଏଯାବତ୍ ଏହି ପ୍ରଥା ଲୋପ ପାଇନାହିଁ। ନିରକ୍ଷରତା ଓ ସଚେତନତାର ଅଭାବ ସହ ପରମ୍ପରାକୁ ଆବୋରି ବସିବା ଯୋଗୁ ଏବେ ବି ବଳି ପଡୁଛନ୍ତି ବାଳିକା। ବାଲ୍ୟ ବିବାହ ବିରୋଧରେ ପ୍ରଶାସନର ସଚେତନତା କେବଳ ଜିଲାସ୍ତରୀୟ ସଭାସମିତି, ସମୀକ୍ଷା ବୈଠକରେ ସୀମିତ ରହିଥିବା ବେଳେ ତୃଣମୂଳ ସ୍ତରରେ ଏହାର ପ୍ରକୃତ ପ୍ରଭାବ ପଡୁନାହିଁ। ଚାଇଲ୍ଡ ଲାଇନ ବିଭାଗ ସହଯୋଗ ନ କଲେ ଏହାକୁ ରୋକିବା ଦିଗରେ ସଫଳତା ନେଇ ଆଶଙ୍କା ପ୍ରକାଶ ପାଇଛି।

ଅବିଭକ୍ତ କୋରାପୁଟ ଜିଲାର ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର ଓ କୋରାପୁଟ ଜିଲାରେ ୬୦ ପ୍ରତିଶତରୁ ଅଧିକ ଆଦିବାସୀ ଲୋକ ରହୁଛନ୍ତି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବହୁ ପ୍ରଚଳିତ ପରମ୍ପରା ସହ ଦାରିଦ୍ର୍ୟତା ଯୋଗୁ କମ୍ ବୟସରେ ଝିଅମାନେ ବିବାହ କରିଥାନ୍ତି। ବାଲ୍ୟ ବିବାହ ଓ କମ୍ ବୟସରେ ମାତୃତ୍ୱ ଲାଭ ମାନବିକ ଅଧିକାରର ଉଲ୍ଲଂଘନ ହୋଇଥିବା ବେଳେ ଏହା ସାଂସାରିକ ଭବିଷ୍ୟତ ଗଢ଼ିବାରେ ଏକ ବାଧକ ଭାବେ ରହିଆସିଛି। ଯେଉଁ ସମୟରେ କିଶୋରୀମାନେ ବିଦ୍ୟାଳୟରେ ପାଠ ପଢ଼ିବା କଥା, ସେହି ସମୟରେ ବିବାହ ସେମାନଙ୍କ ଭବିଷ୍ୟତକୁ ଅନିଶ୍ଚିତତା ଭିତରକୁ ଠେଲିଦିଏ। ଆଦିବାସୀ ଝିଅ ୧୨ରୁ ୧୩ ବର୍ଷ ବୟସରେ ବିବାହ କରୁଛନ୍ତି। ଅଳ୍ପ ବୟସରେ ଗର୍ଭଧାରଣ କରି ପ୍ରସବକାଳୀନ ମୃତ୍ୟୁମୁଖରେ ପଡୁଛନ୍ତି। ପରିସଂଖ୍ୟାନ ଅନୁଯାୟୀ, ବାଲ୍ୟବିବାହ କ୍ଷେତ୍ରରେ ରାଜ୍ୟରେ ମାଲକାନଗିରି ଜିଲା ପ୍ରଥମ ଓ କୋରାପୁଟ ଜିଲା ଚତୁର୍ଥ ସ୍ଥାନରେ ରହିଛି। ନିରକ୍ଷରତା ଓ ସଚେତନତାର ଅଭାବ ଯୋଗୁ ବାଲ୍ୟ ବିବାହ ପ୍ରଥା ଆଶାନୁରୂପ ଭାବେ ବନ୍ଦ ହୋଇପାରି ନ ଥିବା ୟୁନିସେଫ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି। ସରକାର ଏ ଦିଗରେ ପ୍ରଭାବୀ ପଦକ୍ଷେପ ନେଉନାହାନ୍ତି। ଏ ସମ୍ପର୍କରେ ଆଇସିଡିଏସ୍ ପ୍ରୋଗ୍ରାମ ଅଫିସର ସ୍ୱର୍ଣ୍ଣଭା ଦାଶଙ୍କୁ ପଚାରିବାରୁ ସେ କହିଛନ୍ତି, ବାଲ୍ୟ ବିବାହ ରୋକିବା ପାଇଁ ଜିଲାପାଳଙ୍କଠାରୁ ଆରମ୍ଭ କରି ସମସ୍ତଙ୍କ ଉଦ୍ୟମ ଜାରି ରହିଛି।

### ୨୦୧୯-୨୦ରେ କୋରାପୁଟ ଜିଲାରେ ଅଟକିଛି ୪୯ ବାଲ୍ୟ ବିବାହ

୨୦୧୯-୨୦ରେ ଜିଲାରେ ୪୯ଟି ବାଲ୍ୟ ବିବାହ ରୋକିଥିଲା କୋରାପୁଟ ପ୍ରଶାସନ। ଗତ ଜାନୁଆରୀ ୧୮ରେ ବୈପାରିଗୁଡ଼ା ଥାନା ଲିମା ଗ୍ରାମରେ ବାଲ୍ୟ ବିବାହ ରୋକାଯାଇଥିଲା। ୩୦ ଜାନୁଆରୀରେ ଗୋଟିଏ ଦିନରେ ୫ଟି ବାଲ୍ୟ ବିବାହ ବନ୍ଦ କରିବାରେ ସଫଳ ହୋଇଥିଲା ପ୍ରଶାସନ। ବୈପାରିଗୁଡ଼ା ବ୍ଲକ ଦଣ୍ଡାବାଡ଼ି, ଚିପାକୁର, କୋଲାର ପଞ୍ଚାୟତର ବିଭିନ୍ନ ଗ୍ରାମରେ ଏହି ବିବାହ ହେବାର ଥିଲା। ଦଣ୍ଡାବାଡ଼ି ଛତାଆମରେ ୨ ଜଣ ନାବାଳିକା, କୋଲାର ଜି. ମାଳିଗୁଡ଼ାରେ ଜଣେ ନାବାଳକ, ଚିପାକୁର ଓ କେନ୍ଦୁକୁଣ୍ଡରେ ୨ ଜଣ ନାବାଳିକାଙ୍କ ବିବାହ ରୋକାଯାଇଥିଲା। ଫେବୃଆରୀ ୫ରେ ଲକ୍ଷ୍ମୀପୁର ଓ ୬ରେ କୋଟପାଡ଼ ଓ ଲକ୍ଷ୍ମୀପୁରରେ ବାଲ୍ୟ ବିବାହରେ ହସ୍ତକ୍ଷେପ କରି ଅଟକାଇଥିଲା ପ୍ରଶାସନ।

## ସଂକ୍ଷେପରେ



### ସାହସୀ କିଶୋରଙ୍କୁ ସମ୍ମାନିତ କଲା ଭାଜପା

ଜୟପୁର,୮।୨(ଡି.ଏନ୍.ଏ.): କୋଲାବ ଇରିଗେସନ ବିଭାଗର ମୁଖ୍ୟ କେନାଲରେ ଭାସି ଯାଉଥିବା ଜଣେ ବ୍ୟକ୍ତିଙ୍କୁ ଉଦ୍ଧାର କରି ଗତ ଶୁକ୍ରବାର ଜୀବନ ବଞ୍ଚାଇଥିବା ସ୍ଥାନୀୟ ଡଙ୍ଗାଗୁଡ଼ାର ଦୁଇ କିଶୋର ସଞ୍ଜୟ ପୂଜାରୀ ଓ କିଷାନ ମାଝିଙ୍କୁ ଶନିବାର ଭାଜପା ସମ୍ମାନିତ କରିଛି। ଏହିପରି ଖବର ଗଣମାଧ୍ୟମରେ ପ୍ରସାରିତ ହେବା ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ଉଭୟ କିଶୋରଙ୍କୁ ପ୍ରଶଂସା କରିଥିଲେ। ସେହିପରି ଶନିବାର ଜୟପୁର ଭାଜପା ପକ୍ଷରୁ ନଗର ମଣ୍ଡଳ ସଭାପତି ସାଧୁ ଚରଣ ଦାସ, ଜୟପୁର ବିଧାନସଭା ପ୍ରାର୍ଥୀ ଗୌତମ ସାମନ୍ତରାୟଙ୍କ ଉପସ୍ଥିତିରେ ଏହି ଦୁଇ ନାବାଳକଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭାଜପାର ବୈଦ୍ୟନାଥ ମିଶ୍ର, ଅଞ୍ଜଳି ସାମନ୍ତରାୟ, ଭବାନୀ ରେଡ୍ଡୀ, ରବୀନ୍ଦ୍ର ପଟ୍ଟନାୟକ ଉପସ୍ଥିତ ଥିଲେ। ଏ ଦୁହିଁଙ୍କୁ ସାହସିକତା ପୁରସ୍କାର ପ୍ରଦାନ କରିବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯିବ ବୋଲି ନଗର ସଭାପତି ଦାଶ ଚୌଧୁରୀ ପ୍ରକାଶ କରିଛନ୍ତି।

### ୭ ସ୍କୁଲକୁ ଗାରିମା ରୌପ୍ୟ ପଦକ

ଜୟପୁର,୮।୨(ଡି.ଏନ୍.ଏ.): ରାଜ୍ୟ ସରକାରଙ୍କ ପକ୍ଷରୁ ଉଜ୍ଜ୍ୱଳ ଓ ଉତ୍ଥାନ ଯୋଜନା ମାଧ୍ୟମରେ ପାଠ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରଦାନ ସହ ପରୀକ୍ଷା ଆୟୋଜନ କରାଯାଉଛି। ଏଥିରେ ଜୟପୁର ବ୍ଲକ ଏବଂ ପୌରସଂସ୍ଥାର ୬୧ଟି ବିଦ୍ୟାଳୟର ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ୨୧ ବିଦ୍ୟାଳୟକୁ ଗାରିମା ବ୍ରୋଞ୍ଜ ପାଇଁ ମନୋନୀତ କରାଯାଇଥିଲା। ଉକ୍ତ ୨୧ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷାରେ ଜୟପୁର ସହରର ଜେଲରୋଡ, କେନ୍ଦ୍ରୀୟ, ପାରାବେଡ଼ା, ଲାଲସାହି, ବ୍ଲକର ପାଲିଗୁଡ଼ା, ବଡ଼କାଉଡ଼ି, ଡୋଲିଆମ୍ବଗୁଡ଼ା ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଭୃତି ୭ଟି ଗାରିମା ସିଲଭର ପାଇଁ ମନୋନୀତ ହୋଇଛନ୍ତି। ଶନିବାର ସ୍ଥାନୀୟ ଚନ୍ଦନବାଡ଼ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଇଓ ସୁରେନ୍ଦ୍ର ପଟ୍ଟନାୟକ ଯୋଗଦେଇ ଉକ୍ତ ୭ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ପ୍ରମାଣପତ୍ର ପ୍ରଦାନ ସହ ସମ୍ମାନିତ କରିଛନ୍ତି। ଏହି ଅବସରରେ ଏବିଇଓ ହରିଶ୍ଚନ୍ଦ୍ର ରାଓ, ସିଆରସିସି, ଅନ୍ୟ ବିଦ୍ୟାଳୟ ଶିକ୍ଷୟିତ୍ରୀ ଓ ଶିକ୍ଷକ ଉପସ୍ଥିତ ଥିଲେ।






ମା'ଙ୍କୁ କୁଲାରେ ଭୋଗ ଦେଇ ପୂଜାର୍ଚ୍ଚନା କରାଯାଉଛି।



ପୂଜାର୍ଚ୍ଚନାବେଳେ ପାରମ୍ପରିକ ବାଦ୍ୟ।

# ପୂଜାକରି ତଳି ପକାଇଲେ ଭଲ ଅମଳ ହୁଏ

ଦଶମନ୍ତପୁର,୮।୨(ଡି.ଏନ୍.ଏ.)

## ମେଟିରାଣୀ, ଆମ୍ବଡେଲି ଯାତ୍ରା

ଦଶମନ୍ତପୁର ବ୍ଲକ ମୁର୍କାର ପଞ୍ଚାୟତରେ ଥିବା ସେମିଳିଗୁଡା ଗ୍ରାମରେ ଶନିବାର ପାଳିତ ହୋଇଛି ମେଟିରାଣୀ ଓ ଆମ୍ବଡେଲି ଯାତ୍ରା। ଏହା ବରଷକୁ ଥରେ ହୁଏ। ଗାଁ ର ୨୫ଟି ପରିବାର ଚାନ୍ଦା ଆଦାୟ ହୋଇ ସେଥିରେ ମା' ମେଟିରାଣୀ ଓ ଆମ୍ବଡେଲିଙ୍କୁ ପୂଜା କରାଯାଏ। ପୂଜାରୀ ପାଇକ ଜମ୍ବେକାଙ୍କ କହିବାନୁସାରେ ଯାତ୍ରାର ଗୋଟିଏ ଦିନ ରାତ୍ର ସମୟରେ ବିଲ ଓ ନଦୀକୁ ଯାଇ କିଛି କଙ୍କଡ଼ା ଓ ଛୋଟ ମାଛ ସଂଗ୍ରହ କରିବାକୁ ପଡ଼େ। ଗାଁର ଶିଖରେ ମା'ଙ୍କ ପୀଠକୁ ସଫା କରାଯାଇ ପାହାନ୍ତାରେ ଦେବୀଙ୍କ ପୂଜା ଆରମ୍ଭ ହୁଏ। ପ୍ରଥମେ ୩ ଜଣ ଗୁରୁମାଈଁ ନିଜ ନୃତ୍ୟରେ ମା'ଙ୍କୁ ପ୍ରସନ୍ନ କରିଥାନ୍ତି। ମା'ଙ୍କ ଆବିର୍ଭାବ ସମୟରେ ୩ ଜଣ ଗୁରୁମାଈଁଙ୍କୁ ଗାଁ ଲୋକେ ପୋତା ଯାଇଥିବା ଏକ ଲୁହାର ଶାବଳରେ ଦଉଡ଼ିରେ ବାନ୍ଧିଥାନ୍ତି। ସେହି ଶାବଳ ମୂଳରେ ଦେଶୀଅଣ୍ଡା ପୂଜା କରାଯାଏ। କିଛି ସମୟ ପରେ ସଂଗ୍ରହ କରାଯାଇଥିବା କଙ୍କଡ଼ା ଓ ମାଛକୁ ବାଉଁଶ କୁଲାରେ ଗାଧୋଇଦେବା ପରେ ଆମ୍ବଗଛର ପତ୍ର ଓ ପୂଜା ସାମଗ୍ରୀ ପ୍ରତ୍ୟେକ ପରିବାରକୁ ସ୍ପର୍ଶ କରାଯାଏ। ଏହି ଯାତ୍ରାରେ ଧାନ ଓ କାନ୍ଦୁଲ ତଳି ପୂଜା କରାଯାଏ ବୋଲି ବାରା ଜମ୍ବେକା, ତୁମ୍ବେ ସିରିକା, ମହେଶ ଜମ୍ବେକା, ରାଜୀବ ସିରିକା କହିଛନ୍ତି। ଫି' ବର୍ଷ ପୂଜା କରି ତଳି ପକାଇଲେ ଭଲ ଅମଳ ହୋଇଥାଏ ବୋଲି ସେମାନଙ୍କର ବିଶ୍ୱାସ। ଏହା ସହ ପରିବାର ଗୁଜୁରାଣ ଭଲରେ ମେଣ୍ଟିବା ସହ ଗାଁରେ ରୋଗ ନିୟନ୍ତ୍ରଣ ହେଉଥିବା ସେମାନେ କୁହନ୍ତି। ଯେଉଁ ପର୍ଯ୍ୟନ୍ତ କୁକୁଡ଼ା ପୂଜା ଚାଉଳ ଖାଇନି, ସେ ପର୍ଯ୍ୟନ୍ତ ପୂଜା ଆରମ୍ଭ ହୋଇ ନ ଥାଏ ବୋଲି ଗୁରୁମାଈଁ ସାପାଇ ଜମ୍ବେକା ପ୍ରକାଶ କରିଛନ୍ତି। ମାନସିକ ପୂରଣ ହେବା ପରେ ଗାଁ ଲୋକେ ଦେବୀଙ୍କୁ ଯାତ୍ରାରେ ଭେଟି ଚଢ଼ାଇଥାନ୍ତି। ମା'ଙ୍କ ପୀଠରେ ଭୋଜିଭାତ ସହ ଢେମ୍‌ସାରେ ମଜିଯାଆନ୍ତି ଗାଁଲୋକ।

# ସିଦ୍ଧେଶ୍ୱର ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଜୟପୁର,୮।୨(ନି.ପ୍ର.)

ଜୟପୁର ନିକଟସ୍ଥ ବଦଲିଗୁଡ଼ା ଗ୍ରାମର ବୁଟି କୁପୁଲି ପାହାଡ଼ ଉପରେ ସିଦ୍ଧେଶ୍ୱର ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଛି। କରଗୋଲା ବଦଲିଗୁଡ଼ା ସମେତ ଆଖପାଖ ଗ୍ରାମର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଅବସରପ୍ରାପ୍ତ ଫରେଷ୍ଟ ରେଞ୍ଜର ପ୍ରସନ୍ନ ପାଢ଼ୀଙ୍କ ସମେତ ଗ୍ରାମବାସୀ ଉତ୍ସବ ଆୟୋଜନ କରିଥିଲେ। ପଣ୍ଡିତ ଗଣେଶ୍ୱର ମିଶ୍ର ଏଥିରେ ପୌରୋହିତ୍ୟ କରି ଗଣେଶ ଦୁର୍ଗା ଓ ପାର୍ଶ୍ୱ ଦେବଦେବୀଙ୍କ ସହ ପାହାଡ଼ରେ ବାହାରିଥିବା ଶିବ ଲିଙ୍ଗଙ୍କୁ ହୋମ ଯଜ୍ଞ ଉପଚାର ନୀତିକାନ୍ତି ମୁତାବକ ପ୍ରତିଷ୍ଠା କରାଯାଇଥିଲା।



# କାର୍‌ରୁ ମିଳିଲା ଗଞ୍ଜେଇ, ଜଣେ ଅଟକ

ଲମତାପୁଟ,୮।୨(ଡି.ଏନ୍.ଏ.)

କୋରାପୁଟ ଜିଲା ଲମତାପୁଟ ପୋଲିସକୁ ଆଉ ଏକ ସଫଳତା ମିଳିଛି। ଶନିବାର ଲମତାପୁଟରେ ସାପ୍ତାହିକ ହାଟ ଚାଲିଥିବା ବେଳେ ଏକ ଟାଟା ଇଣ୍ଡିଗୋ (ଓଆର୍୦୨ ଏପି ୯୭୬୯) ଦ୍ରୁତଗତିରେ ଯାଉଥିଲା। ସନ୍ଦେହ ହେବାରୁ ଲମତାପୁଟ ପୋଲିସ ଗାଡ଼ିର ପିଛା କରିବା ସହ ତାକୁ ଅଟକାଇ ଯାଞ୍ଚ କରିଥିଲା। ସେଥିରେ ଗାଡ଼ିର ଡିକିରୁ ଗଞ୍ଜେଇ ମିଳିଥିଲା। ପୋଲିସ ଗାଡ଼ି ଓ ଗଞ୍ଜେଇକୁ ଥାନାକୁ ଆଣିଥିବା ଏଥିରେ ସମ୍ପୃକ୍ତ ଥିବା ଜଣଙ୍କୁ ଅଟକ ରଖିଛି। ଗାଡ଼ିରେ ୧ କୁଇଣ୍ଟାଲରୁ ଅଧିକ ଗଞ୍ଜେଇ ଥିବା ଫାଣ୍ଡି ଅଧିକାରୀ ମନୁଆ ବିଡ଼ିକା ସୂଚନା ଦେଇଛନ୍ତି।

# ବଡ଼କେରେଙ୍ଗା ବଜାରଗୃହ ଉଦ୍‌ଘାଟିତ



କୋରାପୁଟ ବିଧାୟକ ବଜାର ଗୃହକୁ ଉଦ୍‌ଘାଟନ କରୁଛନ୍ତି।

କୋଲାବନଗର,୮।୨(ଡି.ଏନ୍.ଏ.)

କୋରାପୁଟ ସଦର ବ୍ଲକ ଅନ୍ତର୍ଗତ ବଡ଼କେରେଙ୍ଗା ପଞ୍ଚାୟତ, କୋଲାବନଗରରେ ନବନିର୍ମିତ ୫ଟି ବଜାରଗୃହକୁ ଶନିବାର ଲୋକାର୍ପଣ କରିଛନ୍ତି କୋରାପୁଟ ବିଧାୟକ ରଘୁରାମ ପଡାଲ। ଏହି ଅବସରରେ ସେ କହିଛନ୍ତି ଯେ, ସ୍ଥାନୀୟ ଶିକ୍ଷିତ ବେକାର ଯୁବକମାନେ ଉକ୍ତ ଗୃହରେ ବ୍ୟବସାୟ କରି ଆର୍ଥିକ ପରିସ୍ଥିତି ସୁଧାରିନେବା ସହ ଆତ୍ମନିର୍ଭରଶୀଳ ହୋଇପାରିବେ। ସମ୍ମାନିତ ଅତିଥି ଭାବେ ବିହନ ନିଗମ ଅଧ୍ୟକ୍ଷ ଈଶ୍ୱର ପାଣିଗ୍ରାହୀ, ଜିଲା ପରିଷଦ ଅଧ୍ୟକ୍ଷ ପାର୍ବତୀ ମସ୍ତି, ପଞ୍ଚାୟତ ସମିତି ଅଧ୍ୟକ୍ଷା ନମିତା ମାଝି, ଉପାଧ୍ୟକ୍ଷ ମୁରଲିଧର ଖରା, ବଡ଼କେରେଙ୍ଗା ସରପଞ୍ଚ ଲଳିତ ବଡ଼ନାୟକ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୁରେଶ ହୋତା ଯୋଗ ଦେଇଥିଲେ। ନୃତ୍ୟବାଦ୍ୟରେ ଅତିଥିମାନଙ୍କୁ ପାଛୋଟି ନିଆଯାଇଥିଲା।

# ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଆସିକା,୮।୨(ଡି.ଏନ୍.ଏ.)

ଗାଙ୍ଗପୁର ଥାନା ଅନ୍ତର୍ଗତ ପାଇଲପଡା ଗ୍ରାମରେ ଶନିବାର ସକାଳେ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ସେ ହେଲେ ସେହି ଗ୍ରାମର ସୁନିତା ଡାକୁଆ। ସୁନିତା ବେକରେ ଏକ ବେଲ୍ଟ ବାନ୍ଧି ଘର ବିମ୍‌ରେ ଝୁଲି ରହିଥିବା ପରିବାର ଲୋକେ ଦେଖିଥିଲେ। ସୁନିତାଙ୍କ ମା' ପଙ୍କଜ ଡାକୁଆ ଏ ନେଇ ଗାଙ୍ଗପୁର ଥାନାରେ ଅଭିଯୋଗ କରିଛନ୍ତି। ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ଲାଗି ଭଞ୍ଜନଗର ଡାକ୍ତରଖାନାକୁ ପଠାଇଛି। ନଂ.୩/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଧୀରେଶ କୁମାର ଦାସ ସୂଚନା ଦେଇଛନ୍ତି।

# ବିଏସ୍ଏଫ୍‌ର ଜନସମ୍ପର୍କ ଶିବିର

ଲମତାପୁଟ,୮।୨(ଡି.ଏନ୍.ଏ.)

କୋରାପୁଟ ଜିଲା ଲମତାପୁଟ ବ୍ଲକ ଅନ୍ତର୍ଗତ ମାଓବାଦୀପ୍ରବଣ ଅଞ୍ଚଳ ଅନକାଡେଲିରେ ବିଏସ୍ଏଫ୍ ଦ୍ୱାରା ଏକ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଅନକାଡେଲି ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ସମସ୍ତ ଗ୍ରାମର ଲୋକେ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର କରାଯାଇଥିଲା। ବିଏସ୍ଏଫ୍ ଡାକ୍ତର ଉତ୍କଳ ଦାସ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ବିତରଣ କରିଥିଲେ। ସ୍ଥାନୀୟ ଗ୍ରାମବାସୀଙ୍କୁ କମ୍ବଳ, ଚାଦର, ଚୌକି, ଟେବୁଲ, ଛାତ୍ରୀଛାତ୍ରଙ୍କୁ ଖେଳ ଓ ପାଠ୍ୟ ଉପକରଣ ବିତରଣ କରାଯାଇଥିଲା। ଏହି ଅବସରରେ ବିଏସ୍ଏଫ୍ କମାଣ୍ଡାଣ୍ଟ ସୌରଭ ବିଶୋନିକ ଓ କମାଣ୍ଡାଣ୍ଟ ବିକ୍ରମ ଶର୍ମା, ସ୍ଥାନୀୟ ଅଞ୍ଚଳର ପି.ଏସ୍.ଏନ୍. ମୂର୍ତ୍ତି ଉପସ୍ଥିତ ଥିଲେ।



ବିଏସ୍ଏଫ୍‌ର ଶିବିରରେ କମାଣ୍ଡାଣ୍ଟଙ୍କ ସହ ସ୍ଥାନୀୟ ଗ୍ରାମବାସୀ।

# କର୍ମଚାରୀ ଅଭାବ, ଆଗେଇପାରୁନି ଅଧିଗ୍ରହଣ

ଜୟପୁର,୮।୨(ଡି.ଏନ୍.ଏ.)

## ଜୟପୁର-ନବରଙ୍ଗପୁର, ଜୟପୁର-ମାଲକାନଗିରି ରେଳପଥ

କେନ୍ଦ୍ର ସରକାର ଫି' ବର୍ଷ ରେଳ ବଜେଟରେ ଜୟପୁର-ନବରଙ୍ଗପୁର ଓ ଜୟପୁର-ମାଲାକାନଗିରି ରେଳପଥର ପାଇଁ ଅର୍ଥ ମଞ୍ଜୁର କରୁଛନ୍ତି। କିନ୍ତୁ ଏନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟ ଏବଂ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଉଭୟ ରେଳପଥ ନିର୍ମାଣ କାମ କେବଳ କାଗଜକଲମରେ ଅଟକି ରହିଛି।

ଉଭୟ ରେଳପଥ ପାଇଁ ୨୦୧୫ରେ ଜୟପୁରରେ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ ସ୍ଥାପନ କରାଯାଇଥିଲା। ଚୁକ୍ତି ଅନୁଯାୟୀ ରାଜ୍ୟ ସରକାର ଜମି ଅଧିଗ୍ରହଣ କରିବେ। କିନ୍ତୁ ଦୀର୍ଘ ୪ ବର୍ଷ ପରେ ମଧ୍ୟ ସେହି କାର୍ଯ୍ୟାଳୟରେ କର୍ମଚାରୀ ଓ ଅଧିକାରୀଙ୍କ ଅଭାବ ଯୋଗୁ ଅଧିଗ୍ରହଣ କାର୍ଯ୍ୟ ବିଳମ୍ବ ହେଉଛି। ରେଳଟ୍ରାକ୍, ଷ୍ଟେସନ ଓ ଅନ୍ୟ ଭିତ୍ତିଭୂମି ନିର୍ମାଣ ଦାୟିତ୍ୱରେ ଥିବା କେନ୍ଦ୍ର ସରକାର ବଜେଟରେ ଫି' ବର୍ଷ ଟଙ୍କା ମଞ୍ଜୁର କରୁଛନ୍ତି। କିନ୍ତୁ ନିର୍ମାଣ କାର୍ଯ୍ୟ ପାଇଁ ମୁଖ୍ୟ ସମସ୍ୟା ହେଉଛି ଜମି ଅଧିଗ୍ରହଣ। ଏଥିପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଏକ ଘରୋଇ ସଂସ୍ଥାକୁ ଏହି ଦାୟିତ୍ୱ ଦିଆଯାଇଥିଲା। ଉକ୍ତ ସଂସ୍ଥା ପକ୍ଷରୁ ରିପୋର୍ଟ ସତ୍ତ୍ୱେ ଅଧିଗ୍ରହଣ ବାଧାପ୍ରାପ୍ତ ହେଉଛି। ୨ ମାସ ହେଲାଣି ଏହି କାର୍ଯ୍ୟାଳୟର ଅଧିକାରୀ ଅବସର ନେଇଥିବା ବେଳେ ନୂତନ ଅଧିକାରୀ ଯୋଗ ଦେଇପାରି ନାହାନ୍ତି। ସେହିପରି ରାଜସ୍ୱ ୨ ନିରୀକ୍ଷକ, ୪ ଅମିନ, ୩ ଚେନମ୍ୟାନ, ଗୋଟିଏ ପ୍ରୋସେସ ସର୍ଭେୟର, ୩ କାର୍ଯ୍ୟାଳୟ ସହକାରୀ ଓ ୨ଟି ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀ କାର୍ଯ୍ୟାଳୟ ସ୍ଥାପନା ହେବା ଦିନଠାରୁ ଖାଲି ପଡ଼ିଛି। କିନ୍ତୁ ଏହି ପଦବୀ ପୂରଣ ପାଇଁ ବିଭାଗ ଓ ସରକାର ଉଚିତ ପଦକ୍ଷେପ ନେଇନାହାନ୍ତି। ବର୍ତ୍ତମାନ ଜୟପୁର ଲିଙ୍ଗରାଜ ନଗରରେ ଭଡ଼ାରେ ଚାଲିଥିବା ଏହି କାର୍ଯ୍ୟାଳୟରେ ଜଣେ କାର୍ଯ୍ୟାଳୟ ସହକାରୀ, ଚେନମ୍ୟାନ, ଅସ୍ଥାୟୀରେ ଜଣେ ଡାଟା ଏଣ୍ଟ୍ରି ଅପରେଟର କାର୍ଯ୍ୟ କରୁଛନ୍ତି। ଅନ୍ୟପକ୍ଷରେ ଗୋଟିଏ ଭଡ଼ାସୂତ୍ରରେ ଗାଡ଼ି ଦିଆଯାଇଛି।

ଚଳିତ ବର୍ଷ ବଜେଟରେ ଜୟପୁର-ନବରଙ୍ଗପୁର ପାଇଁ ୨୦ କୋଟି ଓ ଜୟପୁର-ମାଲକାନଗିରି ପାଇଁ ୩୩ କୋଟି ମଞ୍ଜୁର କରାଯାଇଛି। ଏହିପରି ଜୟପୁର-ନବରଙ୍ଗପୁର ୩୮ କିଲୋମିଟର ରେଳଧାରଣା ସମେତ ଅନ୍ୟ ଭିତ୍ତିଭୂମି ନିର୍ମାଣ ପାଇଁ ୭୫୦ କୋଟି ଟଙ୍କା, ଜୟପୁର-ମାଲକାନଗିରି ୧୩୦ କିଲୋମିଟର ପାଇଁ ୨ ହଜାର ୪୫୦ କୋଟି ଟଙ୍କା ଅଟକଳ କରାଯାଇଛି। ସେହିପରି ଜୟପୁର-ନବରଙ୍ଗପୁର ରେଳଲାଇନ ସଂଯୋଗୀକରଣ ପାଇଁ କେନ୍ଦ୍ର ଓ ରାଜ୍ୟ ପ୍ରତ୍ୟେକ ୫୦ ପ୍ରତିଶତ ଖର୍ଚ୍ଚ ବହନ କରିବେ। ଜୟପୁର-ମାଲକାନଗିରି ରେଳପଥର ପାଇଁ କେନ୍ଦ୍ର ୭୫ ଏବଂ ରାଜ୍ୟ ୨୫ ପ୍ରତିଶତ ଖର୍ଚ୍ଚ କରିବେ। ପୂର୍ବତଟ ରେଳପଥ ଜୟପୁର ଜମି ଅଧିଗ୍ରହଣ କାର୍ଯ୍ୟାଳୟକୁ ମାତ୍ର ୪ କୋଟି ୯୯ ଲକ୍ଷ ୭୮ ହଜାର ଟଙ୍କା ପ୍ରଦାନ କରିଛି। ରାଜ୍ୟ ସରକାରଙ୍କ ପୂର୍ବତନ ପରିବହନ ମନ୍ତ୍ରୀ ତଥା ଅଧୁନା ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ରେଳପ୍ରକଳ୍ପ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଆସନ୍ତା ୧୨ରେ ନବରଙ୍ଗପୁରରେ ରେଳ ବିଭାଗ, ପ୍ରଶାସନ, ଭୂ-ଅର୍ଜନ ଅଧିକାରୀ ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ କରାଯିବ ବୋଲି କହିଛନ୍ତି।

